RNI Regd no: ODIODI/2013/49749 ■ Postal Regd. No: CK/N/19/2025-27 ■ Website: www.swadhikar.in ■ E-mail: swadhikar.news@gmail.com

ସାଧାରଣ ଜନତାର ସ୍ୱର

# ସ୍ୱାଧିକାର

Swadhikar



କଙ୍ଗନାଙ୍କ ନୂଆ ଚଳଚ୍ଚିତ୍ର

VOLUME-14 • ISSUE-63 • KENDRAPARA • WEDNESDAY, 03 JUNE 2026 • PAGE-8 • ₹ 3.00 ODIA DAILY ବର୍ଷ-୧୪ • ସଂଖ୍ୟା-୬୩ • କେନ୍ଦ୍ରାପଡ଼ା • ଜୁନ ୦୩, ୨୦୨୬ • ବୁଧବାର • ପୃଷ୍ଠା-୦୮ • ମୂଲ୍ୟ-ଟଙ୍କା.୦୦

# ୨୦ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨।୬(ସ୍ୱାଧିକାରନ୍ୟୁଜ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ୨୦ ତାରିଖରେ ରାଇରଙ୍ଗପୁରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି। ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଦିଆଯାଇଛି ଏହି ସୂଚନା।



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି, ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ବୈଠକରୁ ଜଣାଯାଇଛି ଯେ, ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ (ପୃ-୭)



# ଆକର୍ଷଣୀୟ ହେବ ପୁସ୍ତକ ମେଳା

ଭୁବନେଶ୍ୱର,୨।୬(ସ୍ୱାଧିକାରନ୍ୟୁଜ): ରାଜ୍ୟର ସମସ୍ତ ଜିଲ୍ଲାରେ ପୁସ୍ତକ ମେଳା ଆୟୋଜନକୁ ଅଧିକ ବ୍ୟବସ୍ଥିତ, ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ଜିଲ୍ଲାସ୍ତରୀୟ ପୁସ୍ତକ ମେଳାଗୁଡ଼ିକର ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ଗାଇଡଲାଇନ(ଏସଓପି) ଜାରି କରାଯାଇଛି। ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସୂଚନା ଦେବା ସହ ଉକ୍ତ ନିୟମାବଳୀକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ପ୍ରତି ଜିଲ୍ଲା ପାଇଁ ୫୦ଲକ୍ଷ ଟଙ୍କା, ଏସଓପି ଜାରି**

ବିଭାଗୀୟ ସଚିବ ଶ୍ରୀ ଉପାଧ୍ୟାୟ ସମସ୍ତ ଜିଲ୍ଲାପାଳଙ୍କୁ ପଠାଇଥିବା ଏସଓପିରେ ଦର୍ଶାଇଛନ୍ତି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ପୁସ୍ତକ ମେଳା ଆୟୋଜନ ନିମନ୍ତେ ୫୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ। ଏହି ଅର୍ଥରାଶି କେବଳ ପୁସ୍ତକ ମେଳା ବ୍ୟତୀତ ଅନ୍ୟ କୌଣସି ବାବଦରେ ଖର୍ଚ୍ଚ କରାଯାଇପାରିବ ନାହିଁ। ଭୁବନେଶ୍ୱରଠାରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବର ସଫଳତାକୁ ଲକ୍ଷ୍ୟ କରି ଏଣିକି ରାଜ୍ୟର ଅନ୍ୟ ୩ଟି ପ୍ରମୁଖ ସହର ଯଥା ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରଠାରେ ମଧ୍ୟ ଅନୁରୂପ ପୁସ୍ତକ ମହୋତ୍ସବ ଆୟୋଜନ କରିବାକୁ ସରକାର ସ୍ଥିର କରିଛନ୍ତି, ଯାହାଫଳରେ ସ୍ଥାନୀୟ ପାଠକମାନେ ଉପକୃତ ହୋଇପାରିବେ। ଜାରି ହୋଇଥିବା ଏସଓପି ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ସାଂସଦ, ବିଧାୟକ, ଲୋକପ୍ରତିନିଧି, ବିଶିଷ୍ଟ ସାହିତ୍ୟିକ ଓ ସଂସ୍କୃତିବିତମାନେ ରହିବେ। ଜିଲ୍ଲାସ୍ତରୀୟ ପୁସ୍ତକ ମେଳାର ତାରିଖ ଯଥେଷ୍ଟ ପୂର୍ବରୁ ଧାର୍ଯ୍ୟ କରାଯାଇ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ଓ ଏହାକୁ ସଂସ୍କୃତି ବିଭାଗକୁ ପ୍ରେରଣ କରାଯିବ। ମେଳାରେ (ପୃ-୭)

**ଏସସି/ ଏସଟି ଓ ଏସ୍ଇବିସି ଛାତ୍ରଛାତ୍ରୀଙ୍କ ଖୁସି ଖବର**

# ୭୯ ବର୍ଷ ପରେ ମିଳିଲା ନ୍ୟାୟ

ଭୁବନେଶ୍ୱର,୨।୬(ସ୍ୱାଧିକାରନ୍ୟୁଜ): ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତି କାର୍ଯ୍ୟକାରୀ ହେବ। ମଙ୍ଗଳବାର ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି।



**→ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି**

**→ଏସ୍‌ସି ୧୬.୨୫%, ଏସ୍‌ଟି ୨୨.୫%, ଏସଇବିସି/ ଓବିସି ୧୧.୨୫% ସଂରକ୍ଷଣ**

**→୨୦୨୬-୨୭ ଶିକ୍ଷା ବର୍ଷରୁ କାର୍ଯ୍ୟକାରୀ**

ଏହି ନିଷ୍ପତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି।

ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଂଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍, ଆର୍କିଟେକ୍‌ଚର , ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତି ନିଆଯାଇଥିଲା ଏବଂ କ୍ୟାବିନେଟ୍ ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ।

ସୂଚନାଯୋଗ୍ୟ, ନିଯୁକ୍ତି ଏବଂ ବିଏ , ବିକମ୍ ,ବିଏସସି ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା।

ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା। ରାଜ୍ୟ କ୍ୟାବିନେଟର ଏହି ନିଷ୍ପତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର (ପୃ-୭)

# ବଦଳିଲେ ସିବିଏସ୍ଇ ଅଧ୍ୟକ୍ଷ ଓ ସଚିବ

ନୂଆଦିଲ୍ଲୀ,୨।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସିବିଏସଇ ବୋର୍ଡର ଓଏସଏମ(ଅନ୍ ସ୍କ୍ରିନ ମାର୍କିଂ) ବ୍ୟବସ୍ଥାକୁ ନେଇ ବିବାଦୀୟ ସ୍ଥିତି ପରେ ଆଜି କେନ୍ଦ୍ର ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସିବିଏସଇ ବୋର୍ଡ ଅଧ୍ୟକ୍ଷ ଭାବେ

**ଲୋଖଣ୍ଡେ ପ୍ରଶାନ୍ତ ସୀତାରାମ ନୂଆ ଅଧ୍ୟକ୍ଷ, ବରୁଣ ଭରଦ୍ୱାଜ ସଚିବ**

**ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର**

ବରିଷ୍ଠ ଆଇଏଏସ୍ ଲୋଖଣ୍ଡେ ପ୍ରଶାନ୍ତ ସୀତାରାମ ଓ ସଚିବ ଭାବେ ୨୦୦୮ ବ୍ୟାଚ୍ ଆଇଆଇଏସ୍ ବରୁଣ ଭରଦ୍ୱାଜଙ୍କୁ ନିଯୁକ୍ତି ମିଳିଛି। କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟିର ଅନୁମୋଦନକ୍ରମେ ଏହି ପ୍ରଶାସନିକ ନିଯୁକ୍ତି ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ସିବିଏସଇର ନୂଆ ଅଧ୍ୟକ୍ଷ ଭାବେ ଲୋଖଣ୍ଡେ ପ୍ରଶାନ୍ତ ସୀତାରାମ ହେଉଛନ୍ତି ୨୦୦୧ ବ୍ୟାଚ୍ ଏଜିଏମୟୁଟି କ୍ୟାଡରର ଜଣେ ବରିଷ୍ଠ ଆଇଏଏସ୍ ଅଫିସର। ସେ ଏବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଗୃହ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସିବିଏସଇର ଅଧ୍ୟକ୍ଷ



ପଦରେ ମଧ୍ୟ ଅତିରିକ୍ତ ସଚିବ ପାହ୍ୟା ଓ ଦରମା ଭିତ୍ତିରେ ଅବସ୍ଥାପିତ କରାଯାଇଛି। ସେ ପୂର୍ବତନ ଅଧ୍ୟକ୍ଷ ରାହୁଲ ସିଂହଙ୍କ ସ୍ଥାନ ନେବେ।

ଅନ୍ୟପଟେ ନୂଆ ସଚିବ ଭାବେ ଦାୟିତ୍ୱ ନେଇଥିବା ବରୁଣ ଭରଦ୍ୱାଜ ହେଉଛନ୍ତି ୨୦୦୮ ବ୍ୟାଚର ଭାରତୀୟ ସୂଚନା ସେବା ଅଧିକାରୀ। ସେ ଏବେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି ଓ ତାଙ୍କୁ କେନ୍ଦ୍ରୀୟ ଡେପୁଟେସନ ବ୍ୟବସ୍ଥା ଅଧୀନରେ ୨୦୨୭ ମସିହା ସେପ୍ଟମ୍ବର ୧୯ ତାରିଖ ପର୍ଯ୍ୟନ୍ତ ସିବିଏସଇ ସଚିବ ଭାବେ ନିଯୁକ୍ତ କରାଯାଇଛି । ସେ ପୂର୍ବତନ ସଚିବ ହିମାଂଶୁ ଗୁପ୍ତାଙ୍କ ସ୍ଥାନରେ କାର୍ଯ୍ୟ କରିବେ।

ସିବିଏସ୍ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥାରୁ ନେଇ ବିବାଦ ଲାଗି ରହିଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଏସ୍ଇ ଅଧ୍ୟକ୍ଷ ଆଇଏଏସ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଓ ପରୀକ୍ଷା ସଂସ୍କାର କଥା ବୁଝୁଥିଲେ। ଶିକ୍ଷା ମନ୍ତ୍ରଣାଳୟ ସହ ସେ ସମନ୍ୱୟ ରକ୍ଷା କରୁଥିଲେ।ସେହିପରି ସଚିବ ଭାବେ କାର୍ଯ୍ୟ କରୁଥିବା ଆଇଏଏସ୍ ହିମାଂଶୁ ଗୁପ୍ତା ପ୍ରଶାସନିକ, ଅର୍ଥ ଓ ଏହା ସହ ଜଡ଼ିତ କାର୍ଯ୍ୟର ଦେଖାଶୁଣା କରୁଥିଲେ। ଏବେ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ (ପୃ-୭)

# ଜଳିଗଲା ବସ୍, ୭ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଗୁଜୁରାଟର ସୁରତ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାରଡୋଲି ନିକଟରେ ଧୂଳିଆ ରାଜପଥରେ ଦୁଇଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ, ଗୋଟିଏ ବସ୍ ଓଲଟି ପଡ଼ି ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ସହିତ ଏକ ଜୋରଦାର ବିସ୍ଫୋରଣ ଘଟି ଘଟଣାସ୍ଥଳରେ ବ୍ୟାପକ ଆତଙ୍କ ଖେଳିଗଲା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଦୁର୍ଘଟଣାରେ ଅତି କମରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଅନେକ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣା ବାରଡୋଲି ତାଲୁକାର ଉଭା ଏବଂ ମାନେକପୁର ଗ୍ରାମ ମଧ୍ୟରେ ଘଟିଛି। ଗୁଜୁରାଟ ରାଜ୍ୟ ପରିବହନର ଏକ



ବସ୍ ମହାରାଷ୍ଟ୍ର ରାଜ୍ୟ ପରିବହନ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଛି। (ପୃ-୭)

# ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର,୦୨।୬(ସ୍ୱାଧିକାରନ୍ୟୁଜ): ରାଜ୍ୟରେ ପୁଣି ଥରେ ବସ୍ ଭଡା ବୃଦ୍ଧି ପାଇଛି। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଛି। ଅର୍ଡିନାରୀ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ଭଡ଼ା ୧୩୧ ପଇସାରୁ ୧୩୫ ପଇସାକୁ ବୃଦ୍ଧି ପାଇଛି । ଏସି ଡିଲକ୍ସ ଭଡ଼ା ୧୫୯ ପଇସାରୁ ୧୬୩ ପଇସାକୁ ପଡିଛି। ସୁପର ଡିଲକ୍ସ ଭଡ଼ା ୨୪୭ ପଇସାରୁ ୨୫୩ ପଇସାକୁ ବୃଦ୍ଧି ପାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ)ଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି ।

# ବିଜେପି ଛାଡ଼ିଲେ ଆନ୍ନାମଲାଇ



ନୂଆଦିଲ୍ଲୀ,୨।୬(ଏଜେନ୍ସି): ତାମିଲନାଡୁର ପୂର୍ବତନ ବିଜେପି ମୁଖ୍ୟ କେ. ଆନ୍ନାମଲାଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଜି ସେ ବିଜେପିରୁ ଇସ୍ତଫା ଦେଇଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବିନଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସୁତ୍ରରୁ ମିଳିଥିବା ଖବର ଅନୁସାରେ, ନୀତିନ ନବିନ ଓ ସଂଗଠନର ମହାସଚିବ ବିଏଲ୍ ସନ୍ତୋଷଙ୍କ ସହ ହୋଇଥିବା ବୈଠକରେ ଆନ୍ନାମଲ୍ଲାଇ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ଦଳରୁ ଇସ୍ତଫା ଦେବାର ଇଚ୍ଛା ପ୍ରକାଶ କରିଥିଲେ। ସେ ସ୍ପଷ୍ଟ ଭାବରେ କହିଥିଲେ, ଏବେ ସେ ନିଜର ରାସ୍ତା ନିଜେ ତିଆରି କରିବାକୁ ଚାହାନ୍ତି। ପାର୍ଟି ସୁତ୍ରର କହିବା ଅନୁସାରେ, ବିଜେପିର ବଡ଼ ନେତା ଆନ୍ନାମଲାଇଙ୍କୁ ରୋକିବାକୁ ମଧ୍ୟ ଚେଷ୍ଟା କରିଥିଲେ। କାରଣ ତାଙ୍କୁ ରାଷ୍ଟ୍ରୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରାଯିବାର ମଧ୍ୟ ଚର୍ଚ୍ଚା ଥିଲା। ତାଙ୍କୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦିଲ୍ଲୀ ନଛାଡିବାକୁ ବି କୁହାଯାଇଥିଲା। ଅନ୍ନାମଲାଇ ଦୀର୍ଘ ଦିନ ଧରି ତାମିଲନାଡୁରେ ବିଜେପିର (ପୃ-୭)

# ୪ରେ ଆସୁଛି ମୌସୁମୀ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଶେଷରେ ଭାରତରେ ମୌସୁମୀ ଆଗମନର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ପ୍ରଥମେ ମୌସୁମୀ ଆଗମନର ସ୍ୱାଭାବିକ ତାରିଖ ଜୁନ୍ ପହିଲାର ପ୍ରାୟ ଏକ ସପ୍ତାହ ପୂର୍ବରୁ ମେ ୨୬ରେ ମୌସୁମୀ କେରଳ ଛୁଇଁପାରେ ବୋଲି କହିଥିବା ଆଇଏମ୍‌ଡି ପରେ ଏହାକୁ ସଂଶୋଧନ କରି ମୌସୁମୀ ୨/୪ ଦିନ ବିଳମ୍ବରେ ପହଞ୍ଚିବ ବୋଲି କହିଥିଲା। ଶେଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୪ରେ କେରଳରେ ପହଞ୍ଚିବ ବୋଲି ପୂର୍ବାନୁମାନ କରିଛି। ଏହା ଦକ୍ଷିଣ ଭାରତରେ ବହୁ ପ୍ରତ୍ୟାଶିତ ବର୍ଷା ଆଣିବ ଏବଂ ଦେଶରେ ବର୍ଷାଋତୁର ଆନୁଷ୍ଠାନିକ ଆରମ୍ଭକୁ ଚିହ୍ନିତ କରିବ ବୋଲି କହିବା ସହ ପାଣିପାଗ ବିଭାଗ କେରଳ ପାଇଁ ପ୍ରବଳ ବର୍ଷା ସତର୍କ ସୂଚନା ଜାରି କରିଛି।

**କେରଳ ପାଇଁ ସତର୍କ ସୂଚନା**

ଆସନ୍ତା ସପ୍ତାହରେ ଦକ୍ଷିଣ ରାଜ୍ୟଗୁଡ଼ିକରେ ବ୍ୟାପକ ବୃଷ୍ଟିପାତ ହେବ ବୋଲି ପାଣିପାଗ ଏଜେନ୍ସି ପୂର୍ବାନୁମାନ କରିଛି। ଆସନ୍ତା ଛଅରୁ ସାତ ଦିନ ମଧ୍ୟରେ ରାଜ୍ୟର ବିଚ୍ଛିନ୍ନ ସ୍ଥାନରେ ୭ ସେମିରୁ ୨୦ ସେମି ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆରବ ସାଗର ଉପରେ ଆର୍ଦ୍ରତାଭରା ମୌସୁମୀ ପବନ ଶକ୍ତିଶାଳୀ ହୋଇ ଉତ୍ତର ଦିଗକୁ ଅଗ୍ରସର ହେଉଥିବାରୁ ତାମିଲନାଡୁ ଓ କର୍ଣ୍ଣାଟକର କିଛି ଅଂଶରେ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି।

ମୌସୁମୀର ଆରମ୍ଭ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯେଉଁଠାରେ ଦେଶର ପ୍ରାୟ ଅଧା ଚାଷ ଜମି ଋତୁକାଳୀନ ବର୍ଷା ଉପରେ ନିର୍ଭର କରେ। ମୌସୁମୀ ଜଳଭଣ୍ଡାରଗୁଡ଼ିକୁ ମଧ୍ୟ ପୂରଣ କରିଥାଏ, ଜଳବିଦ୍ୟୁତ୍ ଉତ୍ପାଦନକୁ ସମର୍ଥନ କରିଥାଏ ଏବଂ ପ୍ରବଳ ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ପ୍ରଦାନ କରିଥାଏ। ତେବେ ମୌସୁମୀ ଋତୁର ଆଗମନ ସହିତ ଅନେକ ଅଞ୍ଚଳରେ ବିପଜ୍ଜନକ ପାଣିପାଗ ପରିସ୍ଥିତି ଦେଖାଦେବ ବୋଲି ଆଶଙ୍କା କରାଯାଉଛି। ଆସନ୍ତା ସପ୍ତାହରେ ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ ଓ ପୂର୍ବ ଭାରତର ଅନେକ ଅଂଶ ତଥା ଦକ୍ଷିଣ ଉପଦ୍ୱୀପ ଭାରତର ଅନେକ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବଜ୍ରପାତ ସହ ବର୍ଷା ହେବାର ଚେତାବନୀ ଦେଇଛି ବୋଲି ଆଇଏମ୍‌ଡି। ବଜ୍ରପାତ ସହିତ ଘଣ୍ଟାପ୍ରତି ୪୦ରୁ (ପୃ-୭)

# ମୃତ ସୁଶାନ୍ତ ସାହୁଙ୍କ ଶରୀରରେ ଏକାଧିକ ଆଘାତ

ଗଞ୍ଜାମ,୨।୬(ସ୍ୱାଧିକାରନ୍ୟୁଜ): ଗଞ୍ଜାମ କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ମାମଲାରେ ମୃତ ସୁଶାନ୍ତ ସାହୁଙ୍କ ପୋଷ୍ଟମର୍ଟମ ସରିଲା। ଏମକେସିଜି ମେଡିକାଲ ଏଫଏମଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସ, ଫୁଲବାଣୀ ମେଡିକାଲ କଲେଜ ଏଫଏମଟି ବିଭାଗୀୟ ଡାକ୍ତର ହେମନ୍ତ ପାଣିଗ୍ରାହୀ ଏବଂ

**ଥାର୍ଡ ଡିଗ୍ରୀ ମାମଲା**

ଏମକେସିଜି ମେଡିକାଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦୀପାଳି ପୃଷ୍ଟିଙ୍କୁ ନେଇ ତିନି ଜଣିଆ କମିଟି ଶବ ବ୍ୟବଚ୍ଛେଦ କରିଛନ୍ତି । ମୃତ ସୁଶାନ୍ତ ସାହୁଙ୍କ ଶରୀରର ବିଭିନ୍ନ ଅଂଶରେ ଲାଗିଥିବା ଆଘାତକୁ ଚିହ୍ନଟ କରାଯାଇଛି । ଏଥି ସହ ସୁଶାନ୍ତଙ୍କ ଭିସାରା ମଧ୍ୟ ସଂଗ୍ରହ କରାଯାଇଛି ।

ତେବେ ମୃତ ସୁଶାନ୍ତ ସାହୁଙ୍କ ନାଁ ଅଭିଯୁକ୍ତ ତାଲିକାରେ ନଥିବା ସତ୍ୱେ ତାଙ୍କୁ ପୁଲିସ ଉଠାଇ ଆଣିଥିଲା। ଏପରିକି ଥାନାରେ ଟର୍ଚ୍ଚର କରିଥିବା ଅଭିଯୋଗ ହୋଇଛି । ହାଜତ ମୃତ୍ୟୁର ମାମଲାରେ ଆକ୍ସନ ହୋଇଛି। ଆଇପିଏସ ନୀତେଶ କୁମାର ମିଶ୍ରଙ୍କୁ ଗଞ୍ଜାମ ମୁଖ୍ୟାଳୟକୁ ବଦଳି କରାଯାଇଛି। (ପୃ-୭)



# ଅସହାୟଙ୍କୁ ସହାୟ ହେଲା କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ

ଡେରାବିଶ, ୨।୬ (ସ୍ୱାଧିକାର ନ୍ୟୁଜ) : ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଡଙ୍ଗା ଗ୍ରାମର ଅସହାୟ ଚର୍ଚ୍ଚିତ ନାବାଳିକା ମାମଲାରେ ପୂର୍ଣ୍ଣଛେଦ ପଡ଼ିବାକୁ ଯାଉଛି। କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଏହି ମାମଲାରେ ହସ୍ତକ୍ଷେପ କରାଯାଇଥିବା ବେଳେ ୨ ଅସହାୟ ନାବାଳିକାଙ୍କ ଦାୟିତ୍ୱ ନେବାକୁ ଘୋଷଣା କରିଛି। ଘଟଣାରୁ ପ୍ରକାଶ ଯେ ଅଡଙ୍ଗା ଗ୍ରାମର ଗୌତମ ଜେନା (୫୫) କିଡନୀ ରୋଗରେ ଆକ୍ରାନ୍ତ ହୋଇ ୧୧ ଦିନ ତଳେ ମୃତ୍ୟୁ ବରଣ କରିଥିବା ବେଳେ ଅନୁରୂପ ଭାବେ ପତ୍ନୀ ପ୍ରତିମା (୪୮) ୬ ମାସ ପୂର୍ବେ ରୋଗରେ ପଡି ଆରପାରିକୁ ଚାଲି ଯାଇଥିଲେ। ଦିନ ମଜୁରିଆ ଗୌତମଙ୍କ ଅକାଳ ମୃତ୍ୟୁ ପରେ ଦୁଇ ଝିଅ ପ୍ରଭାସିନୀ ଓ ରୂପାଲି ଅନାଥ ହୋଇପଡିଥିଲେ। ପ୍ରଭାସିନୀ ନବମ ଓ ରୂପାଲି ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ବାପା ମାଆଙ୍କ ମୃତ୍ୟୁ ପରେ ପାଠ ପଢାର ଆଶା ଯେପରି ମଉଳି ଯାଇଥିଲା। ଅନାଥ ଦୁଇ ଝିଅ



ପାଠ ପଢିବା ତ ଦୂରର କଥା ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଗ୍ରାମରୁ ଭିକ୍ଷା ମାଗିବା ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା। ଉକ୍ତ ଘଟଣାଟି ପ୍ରଚାରିତ ହେବା ପରେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ତଥା ସମବାୟବିତ ପ୍ରମୋଦ କୁମାର ସାହୁ ଦୁଇ ନାବାଳିକା ଝିଅଙ୍କୁ ସହାୟତା ପାଇଁ ଆଗେଇ ଆସିଛନ୍ତି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଶ୍ରୀ ସାହୁ ଅଡଙ୍ଗା ଗ୍ରାମରେ ପହଞ୍ଚି ପଞ୍ଚାୟତର ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ୱାର୍ଡସଭ୍ୟାଙ୍କ ପ୍ରତିନିଧି ମଣିନାଥ ଜେନା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି ,ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହିତ ଅନାଥ ଦୁଇ ଝିଅଙ୍କ ପାଠପଢ଼ା ଓ ଚଳିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋ-ଅପରେଟିଭ ସୋସାଇଟି ଗରଦପୁର ଶାଖା ପରିଚାଳକ ଅନୋଜ ସିଂ, ଦୈନିକ ଜମା ସଂଗ୍ରହକାରୀ ଗୟାଚାନ୍ଦ ଭୂୟାଁ, ସମାଜସେବୀ ଧୀରେନ୍ଦ୍ର ଜେନା ଓ ଶୁଭଙ୍କର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଉଷାକାମଦେବ ଚାରିଟେବଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ

ଆଳି, ୨।୬ (ସ୍ୱାଧିକାର ନ୍ୟୁଜ) : ବିଶ୍ୱ ପିତୃମାତୃ ଦିବସ ଉପଲକ୍ଷେ ଆଜି ଆଳି ବ୍ଲକ ନିଆଳସ୍ଥିତ ଭାରତୀ ସେଲିବ୍ରେସନ ମଣ୍ଡପ ଠାରେ ଟ୍ରଷ୍ଟର ସ୍ଥାୟୀ ସଭାପତି ଶିବ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଉଷାକାମଦେବ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ଆଦର୍ଶ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ମନୋରମା ମିଶ୍ର, ଶିକ୍ଷକ ସୁକାନ୍ତ ଲେଙ୍କା, ସମାଜସେବୀ ଆଦିକନ୍ଦ ପଣ୍ଡା, ସାହିତ୍ୟିକ ବନମାଳୀ ସେନାପତି, ଆଦର୍ଶ ବ୍ୟବସାୟୀ



ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଳି ନୋଡାଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରମୋଦ କୁମାର ମଲ୍ଲିକ, ବିଶିଷ୍ଟ ବକ୍ତା ଭାବେ ଅଶୋକ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସରକାରୀ ଆଇନଜୀବୀ ରଞ୍ଜନ ପାତ୍ର , ସୁନାସକାଳ ପତ୍ରିକାର ସମ୍ପାଦକ ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗ ଦେଇ ମାତା ପିତା ଙ୍କ ଠୁ ବଡ଼ ଦେବତା କେ ସରଗ ରାଇଜେ ନାହିଁ ଏହା ଉପରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ପିତାମାତାଙ୍କ ଉଦ୍ଦେଶ୍ୟରେ 'ଚଳନ୍ତି ଠାକୁର' ନାମକ ପୁସ୍ତକର ଉନ୍ମୋଚନ ହୋଇଥିଲା । ଟ୍ରଷ୍ଟର ସମ୍ପାଦକ ରତିକାନ୍ତ ପାତ୍ର ନିଜ ବାପା ଓ ମା'ଙ୍କ ନାମରେ ଗଢି ଥିବା ଏହି ଉଷାକାମଦେବ ଚାରିଟେବଲ ଟ୍ରଷ୍ଟର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଏହି ଟ୍ରଷ୍ଟ ଆଗାମୀ ଦିନରେ ବିଭିନ୍ନ ସାମାଜିକ କଲ୍ୟାଣ ନିମନ୍ତେ କାମ କରିବ ବୋଲି ଘୋଷଣା କରିଥିଲେ । ଏହି ଉତ୍ସବରେ ରାଷ୍ଟ୍ରପତି ବିଶ୍ୱରଂଜନ ଦାଶ ପ୍ରମୁଖ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଉତ୍ସବରେ ଆଳି ବ୍ଲକର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏଥିସହ ବିଭିନ୍ନ ବୃତ୍ତି ପରୀକ୍ଷା ସହିତ ଦଶମ ପରୀକ୍ଷା ସହ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରାୟ ୧୦୮ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ସୁରେନ୍ଦ୍ର ମଲ୍ଲିକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଦଶରଥ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ । ଶ୍ରୀମାନ ଶ୍ରୀକାନ୍ତ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଟ୍ରଷ୍ଟର ବରିଷ୍ଠ ସଭ୍ୟ ସତ୍ୟବ୍ରତ ପାତ୍ର ଧନ୍ୟବାଦ ଦେଇଥିଲେ । ଟ୍ରଷ୍ଟ ସ୍ଥାୟୀ ସଦସ୍ୟ ଭାବରେ ସତ୍ୟବ୍ରତ, ଶ୍ରୀକାନ୍ତ ମହାପାତ୍ର , ଅର୍ଜିତ ବିଶ୍ୱାଳ, ଅବିନାଶ ନାୟକ ଓ ଶଶୀକାନ୍ତ ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ମୁଖ୍ୟ ଚିକିତ୍ସାଳୟରେ ପଞ୍ଜିକରଣ ପାଇଁ ରୋଗୀଙ୍କ ପ୍ରବଳ ଭିଡ଼




କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଦୟନୀୟ ଅବସ୍ଥାରେ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ସହିତ ଯାଜପୁର, ଜଗତସିଂହପୁର ଓ କଟକ ଅଂଚଳର ଦୈନିକ ବହୁ ସଂଖ୍ୟକ ରୋଗୀ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଉପରେ ଆସ୍ଥା ରଖି ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ରୋଗୀମାନଙ୍କର ଅବସ୍ଥା ନକହିଲେ ଭଲ। ଦୈନିକ ଶହ ଶହ ରୋଗୀ ପଞ୍ଜିକରଣ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ପଞ୍ଜିକରଣ କରି ଟିକେଟ୍ ଧରି ଗଲାବେଳକୁ ଡକ୍ଟର କେହି ନଥାନ୍ତି। ୧୨ଟା ପରେ ଆଉଟ୍‌ଡୋର୍ ବନ୍ଦ ହୋଇଯାଇଥାଏ। ତେଣୁ ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। ଏଥିରେ ଗୁରୁତର ରୋଗୀଙ୍କ ପାଇଁ ଭିତରେ କୌଣସି ବସିବାର ସ୍ଥାନ ନଥିବାରୁ ରୋଗୀମାନେ ତଳେ ଶୋଉଛନ୍ତି। ତୁରନ୍ତ ରୋଗୀମାନଙ୍କ ହିତ ଦୃଷ୍ଟିରୁ ସମସ୍ତ ରୋଗୀଙ୍କୁ ସୁବିଧା ଯୋଗାଇବା ସହ ପାନୀୟ ଜଳ ଓ ବସିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଦିଶା ବୈଠକରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା

କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) : ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୫ମ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ବିଭିନ୍ନ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତ ଦାସ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବବର୍ତ୍ତୀ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ 'ବେଟି ବଚାଓ, ବେଟି ପଢାଓ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ରାଜନଗର ଓ ମହାକାଳପଡା ଅଞ୍ଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ବିଭାଗ, ଶିଶୁ ସୁରକ୍ଷା ବିଭାଗ,




ଅଙ୍ଗନବାଡି କର୍ମୀ ଏବଂ ଆଶା କର୍ମୀଙ୍କ ସମନ୍ୱୟରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉନ୍ନତମାନର ପୁଷ୍ଟିକର ଖାଦ୍ୟ ବଣ୍ଟନ ଏବଂ ଶୌଚାଳୟ ସୁବିଧା ସୁନିଶ୍ଚିତ କରିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ସମ୍ପୂର୍ଣ୍ଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟ ଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ପ୍ରଦାନ, 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ସାଂସଦ କେନ୍ଦ୍ରୀୟ ଅନୁଦାନର ସୁବିନିଯୋଗ ଏବଂ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ।ବୈଠକରେ ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ଓ ଉତ୍ତର ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବ ବିଶ୍ୱାଳଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨।୬ (ସ୍ୱାଧିକାର ନ୍ୟୁଜ) : ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଂଚାୟତ ତରଡ଼ିପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଭିକାରୀ ଚରଣ ବିଶ୍ୱାଳଙ୍କ ସାନଭାଇ ଶିବ ଚରଣ ବିଶ୍ୱାଳ (୯୧) ଙ୍କର ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ ଓ ତାଙ୍କ ମରଶରୀର ଭୁବନେଶ୍ୱରରୁ ଗ୍ରାମକୁ ଆସିବା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା ଓ ଏଥିରେ ଶିଳ୍ପଦ୍ୟୋଗୀ ଇଂ ସରୋଜ ବିଶ୍ୱାଳ, ଜଳସେଚନ ବିଭାଗ ପ୍ରାକ୍ତନ ଯନ୍ତ୍ରୀ ଇଂ ଗଗନ କୁମାର ବିଶ୍ୱାଳ, ଶିକ୍ଷା ବିତ ଅରୂପାନନ୍ଦ ବିଶ୍ୱାଳ ସୁଶୀଳ ବିଶ୍ୱାଳ, ଅଜିତ ବିଶ୍ୱାଳ ସଚ୍ଚିଦାନନ୍ଦ ବିଶ୍ୱାଳ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ସୁଭାଶିଷ ବିଶ୍ୱାଳ, ଅଜିତ ବିଶ୍ୱାଳ, ରାଜେଶ ବିଶ୍ୱାଳ ପ୍ରମୁଖ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ପୁତ୍ର ମନୋରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ଓ ତାଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ ଡ଼ଃ ସୁନୀଲ ପ୍ରଧାନ, ଯୁବନେତା ମଣ୍ଟୁ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ପୌରାଂଚଳର କଜଳା ଗ୍ରାମ ନିକଟେର ଯାଇଥିବା ରେଳ ଲାଇନ ନିକଟରେ ଏକ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତ ଦେହ ପୋଲିସ ଜବତ କରିଛି । ମୃତ ଯୁବକ କଜଳା ଗାଁର ବିକାଶ ମହାନ୍ତି । ମୃତକଙ୍କ ହାତ ବନ୍ଧା ହୋଇଥିବା ଦେଖିବାକୁ ମିଳିଛି । ପରିବାର ଲୋକେ ପୁଅକୁ ହତ୍ୟା କରି ଟାଙ୍ଗି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି । ଖବରପାଇ ସଦର ଥାନା ପୋଲିସ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଁଚି ଶବ ଉଦ୍ଧାର କରି ଜବତ କରିବା ସହ ବ୍ୟବେଛଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଦିହୁଡିପୁରରେ ମୁଗ ମଣ୍ଡି ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୨।୬ (ସ୍ୱାଧିକାର ନ୍ୟୁଜ) : ରାଜ୍ୟ ସରକାର କୃଷକ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏଇ ପରିପ୍ରେକ୍ଷୀରେ ବଡ଼ ପଡା, ବଡ଼ମୋହନପୁର, ସାନ ଜରିଆ , ଅରଡ଼ପଲ୍ଲୀ ଓ ଦିହୁଡିପୁର ସମେତ ବିଭିନ୍ନ ପଂଚାୟତର କୃଷକ ମାନଙ୍କ କଲ୍ୟାଣ ପାଇଁ ଉପରୋକ୍ତ ପଂଚାୟତର କୃଷକମାନଙ୍କୁ ନେଇ ଗଠିତ ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ଦିହୁଡିପୁର ପଂଚାୟତରେ ମୁଗ ମଣ୍ଡି ଖୋଲା ଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ଦିହୁଡିପୁର ସରପଞ୍ଚ ନରେଶ ମଲିକ,



ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ନିର୍ଦ୍ଦେଶକ ପ୍ରାକ୍ତନ କ୍ୟାପଟେନ ବାଣୀଭୂଷଣ ନାୟକ, ପୂର୍ବତନ ନିରୀକ୍ଷକ ଶରତ ରାଉତ, ନିର୍ଦ୍ଦେଶକ ସୁକାନ୍ତ ରାଉତ,ତ୍ରିଲୋଚନ ସ୍ୱାଇଁ ଗଣେଶ ନାୟକ, ବିଜୟ ଖଟୁଆ ଶାନ୍ତନୁ ଦୁଲାଲ ଜେନା ନିମାଇଁ ନାୟକ, ନରହରି ମହାପାତ୍ର ଅନୁସୂୟା ସ୍ୱାଇଁ ପୁଷ୍ପଲତା ଜେନାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ସମ୍ମାନିତଅତିଥି ଭାବେ ଯୋଗ ଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା, ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରି କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା ଖୋଲା ଯାଇଥିବା ମୁଗ ମଣ୍ଡିରେ ଉପଲବ୍ଧ ଉନ୍ନତମାନର ମୁଗ ବିହନ, ଧାନ ବିହନ ଓ ସାର ପ୍ରୟୋଗ କରି ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷ କରି ଲାଭବାନ ହେବା ସହିତ ଆର୍ଥିକ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ନିର୍ଦ୍ଦେଶକ ବାଣୀଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ । ଏହି ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ ।

# ୧୯୯୮ ବ୍ୟାଚ୍‌ର ବନ୍ଧୁ ମିଳନ

## ଗୁରୁପୂଜନ ସହ ସମ୍ବର୍ଦ୍ଧନା କର୍ଯ୍ୟକ୍ରମ ଅନୁଷ୍ଠିତ

ଆଳି, ୨।୬ (ସ୍ୱାଧିକାର ନ୍ୟୁଜ) : ବନ୍ଧୁଟିଏ ହେଉଛି ଭାଇଠୁ ବଡ, ବନ୍ଧୁଟିଏ ବିପଦ ସମୟରେ ଠିଆ ହୋଇଥାଏ । ଆଜି ସେହି ବନ୍ଧୁଟିଏ ପାଇଁ ଦିନଟିଏ। ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତ ସ୍ଥିତ ସୀତାରାମ ବିଦ୍ୟାପୀଠଠାରେ ବିଦ୍ୟାଳୟର ୧୯୯୮ ମସିହା ମାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୮ ବର୍ଷ ତଳର ସ୍ମୃତିକୁ ମନେପକାଇ ଭାବ ବିହୋଳ ହୋଇ ପଡ଼ିଥିଲେ । ପୁରାତନ ଛାତ୍ର ଛାତ୍ରୀମାନେ ସମସ୍ତ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରି ସ୍ୱାଗତ କରାଇଥିଲେ। ଏହାପରେ ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଶିକ୍ଷକମାନଙ୍କୁ ଫୁଲତୋଡା, ଉତ୍ତରୀୟ ଓ କିଛି ଉପହାର ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଶିକ୍ଷକମାନେ ସମସ୍ତ ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ପାଖରେ ପାଇ ଆନନ୍ଦିତ ହେଇଥିଲେ । ଏହା ପରେ ଏହି ବିଦ୍ୟାଳୟର ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଭାବ ବିହୋଳ ଶିକ୍ଷକ ମାନେ ସେମାନଙ୍କ ୨୮ ବର୍ଷର ତଳର ସ୍ମୃତିକୁ ରୋମନ୍ଥନ କରିଥିଲେ। । ଏ ବିଦ୍ୟାଳୟର ଐତିହ୍ୟ ଅତ୍ୟନ୍ତ ଗାରିମାମୟ। ବିଦ୍ୟାଳୟ କେବଳ ଶିକ୍ଷା ଦେଇନାହିଁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ସଂସ୍କାର ମଧ୍ୟ ଦେଇଛି। ପିଲା ମାନଙ୍କ ମହାନ୍ତି, ଭାସ୍କର ଚନ୍ଦ୍ର ନାୟକ, ଅମୀୟ କୁମାର କର, ସୁବ୍ରକାନ୍ତ ମିଶ୍ର, ପଦୀପ୍ତି କୁମାର ରାଉତ, ଦୟିତାରି ବେହେରା ପ୍ରମୁଖ ଯୋଗ ଦେବା ସହିତ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରେ



ଉଦ୍ଦେଶ୍ୟରେ ଶିକ୍ଷକ ମାନେ କହିଥିଲେ ପିଲାମାନେ ହେଉଛନ୍ତି ଶିକ୍ଷକମାନଙ୍କର ପରିଚୟ । ପିଲାମାନେ ହେଉଛନ୍ତି ଆମ ଆଖି ଆଗରେ ସମସ୍ତେ ଆମର ଛାତ୍ର । ଭକ୍ତିରେ ଭାବରେ ତୁମକୁ ସମସ୍ତେ ଗ୍ରହଣ କରନ୍ତୁ କିନ୍ତୁ ଭୟରେ ନୁହେଁ । ସମାଜ ପାଇଁ ଭଲ କାର୍ଯ୍ୟ କରି ତୁମ ନାମ ଯଶ ହେଲେ ସେଇଟା ହିଁ ହେବ ଆମ ମାନଙ୍କର ଗୁରୁ ଦକ୍ଷିଣା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଶିକ୍ଷକଙ୍କ ମଧ୍ୟରେ ଗଙ୍ଗାଧର ଦାସ, ସୁଶାନ୍ତ କୁମାର ଗୀରୀ, ଉଦ୍ଧାନଧ ଗଣେଶ ପାତ୍ର, ସମର ବେହେରା , ସଂଜୟ ସେଠି, ଅକ୍ଷୟ ତରେଇ, ରମାକାନ୍ତ ବେହେରା, ପରେଶ ଆରୁକ, ଶ୍ରୀମନ୍ତୀ ପଣ୍ଡା, ପ୍ରଭାସିନ ରାଉତ, ଗୀତାଞ୍ଜଳି ବିଶ୍ୱାଳ, ସସ୍ମିତା ବେହେରା, ସୁକାନ୍ତି ପାତ୍ର, ସସ୍ମିତା ପରିଡ଼ା, ସୁସାନ୍ତ ସାହୁ, ପ୍ରଶାନ୍ତ ପରିଡ଼ା, ସରୋଜ ତରେଇ, ସୁଚିତ୍ରା ଦାସ, ଭୁବେନଶ୍ୱରୀ ବିଶ୍ୱାଳ, ସନତ ପ୍ରଧାନ, ବିନ୍ୟାୟ ପ୍ରଧାନ, ରଶ୍ମୀକାନ୍ତ ସେନାପତି ଯୋଗ ଦେଇ ପୁରୁଣା ଦିନର ସ୍ମୃତିକୁ ମନେ ପକେଇ ଥିଲେ।

# ୬୪ ମଦ ଦୋକାନ ପାଇଁ ୧୦୯୨ ଆବେଦନକାରୀ




କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) : ରାଜ୍ୟରେ ମଦ ଦୋକାନ ବନ୍ଦ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ନିଶାମୁକ୍ତି ସଂଗଠନ ପକ୍ଷରୁ ଗତ ୫ଦିନ ତଳେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ନୂତନ ମଦ ଦୋକାନୀକୁ ବିରୋଧ କରି ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ୬୪ ଗୋଟି ନୂତନ ମଦ ଦୋକାନ ଖୋଲିବା ପାଇଁ ଆଜି ଲଟେରୀ ଉଠାଣ କରାଯାଇଛି। ଏ ନେଇ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ.ଆର୍. ଆୟାରଙ୍କ ନେତୃତ୍ୱରେ ଲଟେରୀ ଉଠାଣର ବ୍ୟବସ୍ଥା କରାଯାଇଥିଲା। ଏଥିରେ ୪୬ ଗୋଟି ଓପି ବନ୍ଦ ବିଦେଶୀ ମଦ ଓ ୧୮ ଗୋଟି ଦେଶୀ ମଦ ୨୦୨୬-୨୭ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଲଟେରୀ ଉଠାଣ କରାଯାଇଛି। ୬୪ ମଦ ଦୋକାନ ପାଇଁ ମୋଟ୍ ୧୦୯୨ ଜଣ ଆବେଦନକାରୀ ଆବେଦନ କରିଥିଲେ। ଜିଲ୍ଲାରେ ବିଭିନ୍ନ ଥାନାରେ ପୂର୍ବରୁ ପାଖାପାଖି ଅଶି ମଦ ଦୋକାନ ଥିବାବେଳେ ପୁନର୍ବାର ପୁଣି ୬୪ଟି ମଦ ଦୋକାନ ଖୋଲିବା ଦ୍ୱାରା ପରିବେଶ ଓ ଯୁବପିଢିଙ୍କର ଭବିଷ୍ୟତ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। ଆଜିର ଏହି ଲଟେରୀ ଉଠାଣ କଡାକଡି ପୋଲିସ୍ ବ୍ୟବସ୍ଥା କରାଯାଇ ଲଟେରୀ ଉଠାଣ କରାଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡେପୁଟି କଲେକ୍ଟରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲଞ୍ଚ୍ ଡ୍ରାଇଭର ଓ ଖଲାସୀ ଚୟନ ଶିବିର

ମାର୍ଶାଘାଇ, ୨।୬ (ସ୍ୱାଧିକାର ନ୍ୟୁଜ) : ଯଜ୍ଞମଠ ନିକଟ ଲୁଣାନଦୀ କୂଳରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଏବଂ ଅସ୍ଥାୟୀ ଖଲାସୀ ଚୟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜରୁରୀକାଳୀନ ଅଧିକାରୀ ନିତ୍ୟ ରଞ୍ଜନ ସାମଲ, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ରାଜ୍ୟବନ୍ଦର ଯନ୍ତ୍ରୀ ବିଭୁଦତ୍ତ ଭୂୟାଁ, ରାଜସ୍ୱ ଏବଂ ବିପର୍ଯ୍ୟୟ ବିଭାଗ କନିଷ୍ଠଯନ୍ତ୍ରୀ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଡ୍ରାଇଭର ପାଇଁ ୫୯, ଖଲାସୀ ପାଇଁ ୫୨ ଜଣ ଆଶାୟୀ ଯୋଗଦାନ କରିଥିଲେ । କେନ୍ଦ୍ରାପଡ଼ା ଜରୁରୀକାଳୀନ କାର୍ଯ୍ୟାଳୟ ବଡ଼ବାବୁ ଉମ୍ବରୁଧର ବେହେରା, କଟକ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମେକାନିକାଲ କର୍ମଚାରୀ ସେକ ଅବଦୁଲା, ପ୍ରଶାନ୍ତ କୁମାର ମହାନ୍ତି, ଦଣ୍ଡପାଣି ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ । ମାର୍ଶାଘାଇ ତହସିଲକାର୍ଯ୍ୟାଳୟର ଜରୁରୀକାଳୀନ କର୍ମଚାରୀ ପ୍ରଶାନ୍ତ କୁମାର ମଲିକ, ମାର୍ଶାଘାଇ ବ୍ଲକର କର୍ମଚାରୀ ସୁଶୀଲ କୁମାର ଜେନା ସହଯୋଗ କରିଥିଲେ। ଏହି ଶିବିରରେ ଲଞ୍ଚ ଚାଳନା, ପହଁରା, ଉଦ୍ଧାରର କୌଶଳ ସମେତ ମୌଖିକ ପ୍ରଶ୍ନୋତ୍ତର ପରୀକ୍ଷା କରାଯାଇଥିଲା । ମାର୍ଶାଘାଇ ଅଗ୍ନିଶମ ବାହିନୀ ଏବଂ ମାର୍ଶାଘାଇ ପୋଲିସ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଓସିଏସ୍ ସ୍ୱାତିସ୍ମିତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) : କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମର ଶାନ୍ତିଲତା ବେହେରା ଓ ନରେନ୍ଦ୍ର ବେହେରାଙ୍କ ଝିଅ ଚଳିତ ବର୍ଷ ଓ.ସି.ଏସ୍ ପରୀକ୍ଷାରେ ୪୫ତମ ସ୍ଥାନ ଅଧିକାର କରି ମହାକାଳପଡା ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ତାଙ୍କର ସଫଳତା ପାଇଁ ମହାକାଳପଡା ବିକାଶ ମଞ୍ଚ ଓ ନୀଳମାଧବ ଉ:ପ୍ରା ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମଞ୍ଚର ସଂପାଦକ ଭାଗିରଥୀ ନନ୍ଦ ସଭାପତିତ୍ୱ କରିଥିଲେ । ସଭାପ୍ରାରମ୍ଭରୁ ସୁଶ୍ରୀ ସ୍ୱାତିସ୍ମିତାଙ୍କ ଦ୍ୱାରା ଜଗନ୍ନାଥଙ୍କ ତୈଳ ଫଟୋ ଚିତ୍ରରେ ଧୂପଦୀପ ଫୁଲ ଦେଇ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ବିକାଶ ମଞ୍ଚର ସଭାପତି ବିଶିଷ୍ଟ ପରିବେଶବିତ୍ ଶିକ୍ଷାବିତ୍ କାଶୀନାଥ ରାଉତରାୟ, ଉପସଭାପତି ଇଶ୍ୱର ଚନ୍ଦ୍ର ବହେରା, ଶିକ୍ଷାଗୁରୁ ଦିବାକର ନାଥଶର୍ମା, ଶିକ୍ଷକ ନେତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହାଣୀ, ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଗୌରାଙ୍ଗ ନାୟକ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ବନ୍ଦନା ସ୍ୱାଗତିକା, ସି.ଆର୍.ସି. ସୁଜିତ୍ କୁମାର ସେଠୀ, ଇଂ ସତ୍ୟସାରଥୀ ରାଉତରାୟ, ସ୍ୱାତିସ୍ମିତାର ବଡବାପା ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସୁଶ୍ରୀ ବେହେରା ଜଣେ କର୍ତ୍ତବ୍ୟନିଷ୍ଠ, ନୀତିନିଷ୍ଠ ପ୍ରଶାସନିକ ସେବା ଅଧିକାରୀ ଭାବେ କାର୍ଯ୍ୟକରି ମହାକାଳପଡା ମାଟିର ସ୍ୱାଭିମାନଙ୍କୁ ଓଡିଶା ମାଟିରେ ବଜାୟୀ ରଖିବା ସହ ଦଳିତ ନିଷ୍ପେଷିତ ଅବହେଳିତ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅଙ୍ଗିକାର ବଦ୍ଧତା ପ୍ରକଟ କରିଥିଲେ।

# ୧୪୫ ଅଭିଯୋଗରୁ ୧୮ ମାମଲାର ତୁରନ୍ତ ସମାଧାନ

ରାଜନଗର, ୨।୬ (ସ୍ୱାଧିକାର ନ୍ୟୁଜ) : ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ଲୋକଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ପଞ୍ଚାୟତ ଓ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ ।ଏହି ଅବସରରେ ମୋଟ ୧୪୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩୩ଟି ବ୍ୟକ୍ତିଗତ ଏବଂ ୧୨ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୮ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ଉଗଜର)ରୁ ସହାୟତା ମଞ୍ଜୁର କରାଯାଇଥିଲା ।ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ରାଜନଗର ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର ଓ ପ୍ରଭାବୀ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ପ୍ରକାଶଥାଉ କି ଆସନ୍ତା ୬ ଜୁନରେ କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ସକାଳ ୭ ଘଟିକା ଠାରୁ ୧୦ ଘଟିକା, ୨୨ ଜୁନରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ ଟା ଏବଂ ୨୯ ଜୁନରେ ରାଜକନିକା ବ୍ଲକଠାରେ ପୂର୍ବାହ୍ନ ୧୦.୩୦ ରୁ ଦିନ ୧ ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

# ପାରସ୍ପରିକ ସମ୍ମାନ ବଜାୟ ରଖିବାକୁ ରାଜ୍ୟପାଳ ଆହ୍ୱାନ

**ଭାରତର ଶକ୍ତି ଏହାର ସମୃଦ୍ଧ ବିବିଧତା ଏବଂ ସ୍ଥାୟୀ ଏକତାରେ ରହିଛି । ଏଥି ପାଇଁ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦଭାବ ଏବଂ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିବିଧ ସଂସ୍କୃତି, ପରମ୍ପରା ଏବଂ ଇତିହାସ ସତ୍ତ୍ୱେ ଭାରତର ସ୍ପନ୍ଦନଶୀଳ ସଂଘୀୟ ମନୋଭାବ ଏବଂ ଦେଶକୁ ଏକତ୍ର ବାନ୍ଧି ରଖିବାର ମୂଲ୍ୟବୋଧକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ।**



ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ଏହି ତିନୋଟି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ତ୍ୱେ ତେଲେଙ୍ଗାନା, ଗୋଆ ଏବଂ ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ତେଲେଙ୍ଗାନାକୁ ଆକାଂକ୍ଷା, ସ୍ଥିରତା ଏବଂ ଦ୍ରୁତ ପ୍ରଗତିର ପ୍ରତୀକ ଭାବରେ ବର୍ଣ୍ଣନା କରିବା ସହିତ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ନବସୃଜନ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ସଫଳତା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଗୋଆ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପର୍ଯ୍ୟଟନ, ଶିକ୍ଷା ଏବଂ ଆର୍ଥିକ ବିକାଶରେ ଏହି ରାଜ୍ୟର ଅବଦାନ ସହିତ ଇତିହାସ, ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ ମିଶ୍ରଣ ଏହାକୁ ଜାତୀୟ ଦୃଶ୍ୟପଟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି।

ଜୈବିକ କୃଷି ପ୍ରତି ସିକିମର ପ୍ରତିବଦ୍ଧତା: ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ଜୈବିକ କୃଷି ପ୍ରତି ସିକିମର ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହି ରାଜ୍ୟ ଏହାର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି ।ରାଷ୍ଟ୍ର ନିର୍ମାଣରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଦେଶର ପ୍ରଗତି ଏହାର ବିବିଧ ଅଞ୍ଚଳର ଅବଦାନ



ଦ୍ୱାରା ଆକାର ପାଇଛି । ପ୍ରତ୍ୟେକ କ୍ଷେତ୍ର ଭାରତର ସାଂସ୍କୃତିକ ସମୃଦ୍ଧି ଏବଂ ବିକାଶ ଯାତ୍ରାରେ ଯୋଗଦାନ କରେ। ଯେତେବେଳେ ଆମେ ଏକ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ କରୁ, ଆମେ ଭାରତର ଏକ ଅଂଶକୁ ପାଳନ କରୁ ବୋଲି ରାଜ୍ୟପାଳ କହିଥିଲେ।

ଏକ ଭାରତ ଶ୍ରେଷ୍ଠ ଭାରତ : 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସାଂସ୍କୃତିକ ପ୍ରଶଂସା, ଭାବପ୍ରବଣ ସଂଯୋଗ ଏବଂ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ମାଧ୍ୟମରେ ଜାତୀୟ ସଂହତି ସୁଦୃଢ଼ ହୁଏ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ଦୀର୍ଘକାଳ ଧରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ସମାବେଶୀ ଏବଂ ସାର୍ବଜନୀନ ଭାଇଚାରାର ଏକ ଆଲୋକପଥ ଭାବରେ ଠିଆ ହୋଇଛି ।

ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରିବା : ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଥିବା ତେଲେଙ୍ଗାନା, ଗୋଆ ଏବଂ ସିକିମର ଲୋକମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଅବଦାନ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ : ତେଲେଙ୍ଗାନାର ମାନ୍ୟବର ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲା, ଗୋଆର ମାନ୍ୟବର ରାଜ୍ୟପାଳ ପୁଷ୍ପପତି ଅଶୋକ ଗଜପତି ରାଜୁ ଏବଂ ସିକିମର ମାନ୍ୟବର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କ ଅଡିଓ-ଭିଜୁଆଲ୍ ବାର୍ତ୍ତା ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ବନ ସଂରକ୍ଷକ (କେନ୍ଦୁ ପତ୍ର) ଉମା ନନ୍ଦୁରୀଙ୍କ ସମେତ ଓଡ଼ିଶାରେ ରହୁଥିବା ଏହି ତିନୋଟି ରାଜ୍ୟର ମୂଳ ବାସିନ୍ଦାମାନେ ଓଡ଼ିଶା ରାଜ୍ୟରେ ରହିବାର ସେମାନଙ୍କର ଅଭିଜ୍ଞତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିସନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ୯୬% ସମାଧାନ ଦାବିର ସତ୍ୟତା କେତେ: ବିଜେଡି

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିରେ ୯୬ ପ୍ରତିଶତ ଲୋକ ସମସ୍ୟା ସମାଧାନ ହେଉଛି ବୋଲି ବିଜେପି ସରକାର ଦାବି କରିଛି । କିନ୍ତୁ ବାସ୍ତବରେ ଏହି ସମସ୍ୟାର କେତେଦୂର ସମାଧାନ ହୋଇଛି ସରକାର ଏହାର ସ୍ପଷ୍ଟିକରଣ ରଖନ୍ତୁ ବୋଲି ବିଜେଡି କହିଛି ।

ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୯୬ ପ୍ରତିଶତ ଲୋକଙ୍କ ସମସ୍ୟା ସମାଧାନ ହେଉଛି ବୋଲି ସରକାର ଦାବି କରୁଛନ୍ତି । କିନ୍ତୁ ଏହାର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ । ଯଦି ୯୬ ପ୍ରତିଶତ ଅଭିଯୋଗର ସମାଧାନ ହେଉଛି ତାହା ହେଲେ ରାଜ୍ୟ ସରକାର ଏହାକୁ ସାର୍ବଜନୀନ କରିବାର ଅସୁବିଧା କେଉଁଠି ରହିଲା?

ଦୁଇ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ଏହି ସରକାର କ୍ଷମତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମାତ୍ର ୧୮ ଥର ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହିଛନ୍ତି। ଏପରି ପରିସ୍ଥିତିରେ ୯୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା ଦାବି କେଉଁ ଆଧାରରେ କରାଯାଉଛି? ଯଦି ପ୍ରକୃତରେ ୯୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି, ସରକାର ଅତି କମରେ ୯୬ ଜଣ ଉପକୃତ ନାଗରିକଙ୍କ ନାମ ଓ ବିବରଣୀ ସାର୍ବଜନୀନ କରନ୍ତୁ ।

କେବଳ ଅଭିଯୋଗକୁ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ ବିଭାଗକୁ ପଠାଇ ଦେଇ ସମାଧାନ ହେଉଛି ବୋଲି ଗଣାଯାଉଛି କି? ନା ପ୍ରକୃତରେ ଲୋକଙ୍କ ସମସ୍ୟାର ସ୍ଥାୟୀ ନିରାକରଣ ହେଉଛି? ଦାବିକୁ କେବଳ ପରିସଂଖ୍ୟାନ ମାଧ୍ୟମରେ ନୁହେଁ, ବରଂ ସମାଧାନ ହୋଇଥିବା ମାମଲାଗୁଡ଼ିକର ବିସ୍ତୃତ ତଥ୍ୟ ପ୍ରକାଶ କରିବାର ଆବଶ୍ୟକ ଅଛି । ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଉଛି ଯେ, ସରକାର ଅତିକମରେ ସେହି ୯୬ ପ୍ରତିଶତ ସମାଧାନ ହୋଇଥିବା ଅଭିଯୋଗର ତାଲିକା ଏବଂ ସେଗୁଡ଼ିକର ନିରାକରଣ ସମ୍ପର୍କିତ ବିସ୍ତୃତ ବିବରଣୀ ସାର୍ବଜନୀନ କରନ୍ତୁ ।

### ସଂସ୍କୃତ କବି ପ୍ରବୋଧ ମିଶ୍ରଙ୍କ ଗ୍ରନ୍ଥ ଉପରେ ଗବେଷଣା



ତିରୁପତି, ୨/୬ (ସ୍ୱାଧିକାରନ୍ୟୁଜ): ଓଡ଼ିଶା ର ସଂସ୍କୃତ ଗବେଷକ ସଂସ୍କୃତ ଶିକ୍ଷକ ରାଜକିଶୋର ଦାଶ ଉତ୍କଳ କାଳୀଦାସ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଙ୍କ ସଂସ୍କୃତ ରଚନା ଉପରେ ଗବେଷଣା କରି ବିଦ୍ୟା ବାରିଧି ଉପାଧି ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ଗବଷଣାତ୍ମକ କାର୍ଯ୍ୟ କୁ ତିରୁପତି ସ୍ଥିତ ପ୍ରଫେସର ଜେ ବଳି ଚକ୍ରବର୍ତ୍ତୀ ମାର୍ଗ ଦର୍ଶନ କରିଥିବା ବେଳେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ତଥା ଅନ୍ୟ ଅଧ୍ୟାପକ ଗଣ ପ୍ରଶଂସା କରିଛନ୍ତି। ଏହ ଗବେଷଣା ପ୍ରବନ୍ଧ କୁ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ରଘୁନାଥ ପଣ୍ଡା ମିଶ୍ରଙ୍କୁ ପ୍ରଦାନ କରିବା ଅବସରରେ ଅଧ୍ୟାପିକା ତୃପ୍ତିମୟୀ ହୋତା ଓ ଶୁଭ କାନ୍ତ ପାତ୍ର ଆଦି ଉପସ୍ଥିତ ଥିଲେ।

### ଟିପିସିଓଡିଏଲ ର ସିଇଓ ଭାବେ ଦାୟିତ୍ୱ ନେଲେ ଗଜାନନ ଏସ. କାଲେ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଶ୍ରୀ ଗଜାନନ ଏସ. କାଲେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହିତ ସେ ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଭାବରେ ମଧ୍ୟ ନିଜର ସେବା ଜାରି ରଖିବେ।

ବିଦ୍ୟୁତ ସେକ୍ଟରରେ ୩୪ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ଥିବା ଶ୍ରୀ କାଲେ ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ, ଯିଏ ବିଦ୍ୟୁତ ବିତରଣ ଓ ୟୁଟିଲିଟି ପରିଚାଳନା କ୍ଷେତ୍ରରେ ଗଭୀର ଦକ୍ଷତା ରଖନ୍ତି। ସେ ଏନଆଇଟି ନାଗପୁରରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର (ମାଷ୍ଟର୍ସ) ଏବଂ ଆଇଆଇଏମ ଅହମ୍ମଦାବାଦରୁ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଛନ୍ତି।

ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ କାଲେ ଟାଟା ପାୱାରର ଡିଷ୍ଟ୍ରିବ୍ୟୁସନ୍ ବିଜନେସ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ପରିଚାଳନା ଓ ରକ୍ଷଣାବେକ୍ଷଣ, ଗ୍ରାହକ ସେବା, ବାଣିଜ୍ୟିକ କାର୍ଯ୍ୟକଳାପ, ନେଟୱର୍କ ଇଞ୍ଜିନିୟରିଂ, ଇନଭେଣ୍ଟ୍ରି ପରିଚାଳନା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଏହି ନୂଆ ଦାୟିତ୍ୱ ନେବା ପୂର୍ବରୁ ସେ ଟିପିଏନଓଡିଏଲ, ଟିପିଡିଡିଏଲ, ଟିପିଏଡିଏଲ ଏବଂ ଟିପିଡବ୍ଲୁଓଡିଏଲ ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟ କରିସାରିଛନ୍ତି।

ନିଜର ନିଯୁକ୍ତି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଶ୍ରୀ କାଲେ କହିଛନ୍ତି ଯେ, "ଏହି ଦାୟିତ୍ୱ ପାଇ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି।ଆମରସମସ୍ତକର୍ମଚାରୀଓ ଅଂଶୀଦାରମାନଙ୍କ ସହଯୋଗରେ ଆମେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ସହ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇଦେବୁ ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଯୋଗଦାନ ଦେବା ଜାରି ରଖିବୁ।"

ଶ୍ରୀ କାଲେ, ଅରବିନ୍ଦ ସିଂହଙ୍କ ସ୍ଥାନ ନେଇଛନ୍ତି, ଯାହାଙ୍କ ମାର୍ଗଦର୍ଶନରେ ଟିପିସିଓଡିଏଲ୍ କାର୍ଯ୍ୟଦକ୍ଷତା ବଢ଼ାଇବା, ଗ୍ରାହକ ସେବାରେ ସୁଧାର ଆଣିବା ଏବଂ ନେଟୱର୍କକୁ ଅଧିକ ଭରସାଯୋଗ୍ୟ କରିବା ଦିଗରେ ଉଲ୍ଲେଖନୀୟ ସଫଳତା ପାଇଥିଲା। ୨୯,୩୫୪ ବର୍ଗ କିଲୋମିଟର ପରିମିତ ବିଦ୍ୟୁତ ବିତରଣ ନେଟୱର୍କ ମାଧ୍ୟମରେ ଟିପିସିଓଡିଏଲ୍ ପ୍ରାୟ ୧.୩୬ କୋଟି ଜନସଂଖ୍ୟାକୁ ସେବା ଯୋଗାଉଛି ଏବଂ ଏହାର ଉପଭୋକ୍ତା ସଂଖ୍ୟା ପ୍ରାୟ ୩୨.୯୬ ଲକ୍ଷ। ଏହାର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଅନୁଗୁଳ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଯାଜପୁରର କିଛି ଅଂଶ ସାମିଲ ରହିଛି।

# କବିସୂର୍ଯ୍ୟନଗରର ହାଜତ ମୃତ୍ୟୁ ଘଟଣା

## ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଉ




ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ପୋଲିସ୍ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା । କିନ୍ତୁ ପୋଲିସ୍ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା । ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ, ସୁଶାନ୍ତଙ୍କ ନାମରେ କୌଣସି ଏଫଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୋଲିସ୍ । ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ କୌଣସି ଏଫଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ଚୁପ୍ ହୋଇ ବସିରହିଛନ୍ତି ରାଜ୍ୟ ସରକାର ।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ, ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ହେବା ତ ଦୂରର କଥା, ପୋଲିସ୍ର ଏଭଳି ଅପରାଧିକ କାର୍ଯ୍ୟ ଲାଗି ଜିଲ୍ଲାବାସୀ ତଟସ୍ଥ । ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ ରାଜ୍ୟର ପୋଲିସ୍ ବ୍ୟବସ୍ଥା । ଲଗାତାର ଭାବେ ରାଜ୍ୟତମାମ ପୋଲିସ୍ର ଏଭଳି କାର୍ଯ୍ୟ ଦର୍ଶାଉଛି ଯେ, ପୋଲିସ୍ ଡିଜିଙ୍କ କଥାକୁ କେହି ଖାତିର କରୁନାହାନ୍ତି, ତେଣୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ । ପୋଲିସ୍ ଡିଜି, ଦକ୍ଷିଣାଞ୍ଚଳ ଆଇଜି, ଗଞ୍ଜାମ ଓ ବ୍ରହ୍ମପୁର ଏସ୍ପି ତଥା କବିସୂର୍ଯ୍ୟନଗର ଆଇଆଇସି ସମସ୍ତେ ଅଣଓଡ଼ିଆ ହୋଇଥିବାରୁ ଆଜି ଜଣେ ନିରୀହ ଭିନ୍ନକ୍ଷମ ଓଡ଼ିଆ ଯୁବକଙ୍କୁ ପୋଲିସ୍ ହାଜତରେ ମୃତ୍ୟୁବରଣ କରିବାକୁ ପଡ଼ିଲା । ଏହା ହେଉଛି ରାଜ୍ୟ ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତାର ପରିଚୟ । ଘଟଣାରେ ସମ୍ପୃକ୍ତ ସମସ୍ତ ପୋଲିସ୍ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ଏବଂ ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ସହ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନ କରନ୍ତୁ । ଘଟଣାର ସମସ୍ତ ତଥ୍ୟ ସାର୍ବଜନୀନ କରି ଲୋକଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ସରକାର । ଯଦି ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ନ୍ୟାୟ ନ ଦିଅନ୍ତି, ତେବେ ପରିବାରକୁ ନ୍ୟାୟ ଦେବା ପାଇଁ ବିଜୁ ଜନତା ଦଳ ତାହାର ଲଢ଼େଇ ଜାରି ରଖିବ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦଳର ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ରଞ୍ଜିତା ସାହୁ ଓ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ଶ୍ରୀ ନଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ପେସ୍ ସାଇନ୍ସର ଅନୁଭୂତି ସାଉଁଟିଲେ ଟାଟା ଷ୍ଟିଲ୍ 'ୟାଟ୍ସ' ବିଜେତା

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ଓଡ଼ିଶାର ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କ ପାଇଁ ଏକ ବିରାଟ ସ୍ୱପ୍ନ ସତ ହୋଇଛି। ଟାଟା ଷ୍ଟିଲ୍ର 'ଯୁବ ଜ୍ୟୋତିର୍ବିଜ୍ଞାନ ପ୍ରତିଭା ଅନ୍ୱେଷଣ-୨୦୨୫ର ବିଜେତାମାନେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପ୍ରମୁଖ ଲଞ୍ଚ୍ ହବ୍, ସତୀଶ ଧାୱନ ସ୍ପେସ୍ ସେଣ୍ଟର, ଶ୍ରୀହରିକୋଟରେ ଏକ ସଫଳ ଶିକ୍ଷଣୀୟ ଭ୍ରମଣ ଶେଷ କରି ଫେରିଛନ୍ତି।

ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଏବଂ ଟାଟା ଷ୍ଟିଲ୍ର ମିଳିତ ସହଯୋଗରେ ଆୟୋଜିତ ଏହି ଚାରିଦିନିଆ ଶିକ୍ଷଣୀୟ ଯାତ୍ରାରେ ଛାତ୍ରଛାତ୍ରୀମାନେ ଭାରତର ମହାକାଶ କାର୍ଯ୍ୟକ୍ରମକୁ ପ୍ରତ୍ୟେକ୍ଷ ଦେଖିବା ସହ ବୈଜ୍ଞାନିକମାନଙ୍କୁ ଭେଟିଥିଲେ। ଏହି ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ଇସ୍ରୋର ବୈଜ୍ଞାନିକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କ ସହ ବିଭିନ୍ନ ମହାକାଶ ମିଶନ ଓ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ପଚାରି ବୁଝିଥିଲେ। ଭବିଷ୍ୟତର ମାନବ ମହାକାଶ ଯାତ୍ରା ପାଇଁ ଇସ୍ରୋ ଦ୍ୱାରା ପ୍ରସ୍ତୁତ ଏଆଇ-ଚାଳିତ ହ୍ୟୁମାନଏଡ୍ 'ବ୍ୟୋମମିତ୍ର' ବିଷୟରେ ଜାଣିବା ଏହି ଗସ୍ତର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା।

ଛାତ୍ରଛାତ୍ରୀ ମାନେ ଆଇଏସଟିଆରଏସି - ଏସଏଚଆରର ଡେପୁଟି ଡିଭିଜନ ହେଡ୍ ତଥା ଡେ଼ପୁଟି ପ୍ରୋଜେକ୍ଟ ଡିରେକ୍ଟର (ଟେଲିମେଟ୍ରି) ସିଏଚ. ଭେଙ୍କଟ ରମଣ, ଏସଡିଏସସି ଏସଏଚଏଆର ର ଇପି ଆଣ୍ଡ ଏଫଏମଡି ହେଡ୍ ଅମିତାଭ ମହାନ୍ତି ଏବଂ ଲାଇବ୍ରେରୀ ଅଫିସର ଏନ୍. କୁମାରଙ୍କ ସହ ମତ ବିନିମୟ କରି ରାକେଟ୍ ଲଞ୍ଚ ପୂର୍ବରୁ ପ୍ରସ୍ତୁତି ଏବଂ ଇସ୍ରୋର ବୈଜ୍ଞାନିକ ଇକୋସିଷ୍ଟମ ବିଷୟରେ ଗଭୀର ଜ୍ଞାନ ଆହରଣ କରିଥିଲେ। କେନ୍ଦ୍ରାପଡ଼ା ଡେରାବିଶ ସ୍ଥିତ ମଲ୍ଲିକେଶ୍ୱର ସରକାରୀ ହାଇସ୍କୁଲ୍ର ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ଚାନ୍ଦ ଏହାକୁ ପିଲାମାନଙ୍କ ପାଇଁ ଏକ ଚିରସ୍ମରଣୀୟ ଅନୁଭୂତି ବୋଲି ଅଭିହିତ କରିଛନ୍ତି।

### ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୩ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଭାଜପା ସରକାରକୁ ଜୁନ୍ ୧୨ରେ ଦୁଇବର୍ଷ ପୂରଣ ହେବାକୁ ଯାଉଛି।

### ଶ୍ୱେତପତ୍ର ପ୍ରକାଶ ପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ବିଗତ ୧୦ବର୍ଷ ହେଲା ଜଳବାୟୁ ପରିବର୍ତ୍ତନରେ କୃଷି ତଥା ଆନୁସଙ୍ଗିକ କୃଷିକ୍ଷେତ୍ରରେ ଅହେତୁକ ପ୍ରଭାବ ପଡ଼ିବା ଫଳରେ କେବଳ ଯେ ଚାଷୀକୁଳ ସର୍ବସ୍ୱାନ୍ତ ହେଉଛନ୍ତିତା ନୁହେଁ, ଜନଜୀବନ ଉପରେ ଘୋର ପ୍ରଭାବ ମଧ୍ୟ ପଡୁଛି। ଅସହ୍ୟ ଗ୍ରୀଷ୍ମ ଯୋଗୁଁ ବହୁ ପ୍ରାଣହାନୀ ଘଟୁଛି। ନିକଟରେ ଭାରତୀୟ ପାଣିପାଗ ବିଭାଗ ଓ ବିଭିନ୍ନ ସ୍ତରରୁ ସୂଚନା ପ୍ରକାଶ ପାଉଛି ଯେ, ପୂର୍ବଭଳି ଆଉ ଚଳିତ ବର୍ଷ ସେପରି ମୌସୁମୀ ବର୍ଷା ହେବ ନାହିଁ। ଫଳ ସ୍ୱରୂପ କୃଷି କ୍ଷେତ୍ରରେ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହେବ। ଯଦି ଏଭଳି ଭବିଷ୍ୟବାଣୀ ସତ୍ୟ ହୁଏ ସେଥିପାଇଁ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ସେହି ସମ୍ପର୍କରେ ସର୍ବସାଧାରଣରେ ସୂଚନା ପ୍ରଦାନ କରାଯିବା ଜରୁରୀ ଓ ଏହାର ପ୍ରତିକାର ପାଇଁ ଏକ ଦୀର୍ଘସ୍ଥାୟୀ ରୋଡମ୍ୟାପ ପ୍ରସ୍ତୁତି କରାଯିବା ଉଚିତ୍ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ବର୍ତ୍ତମାନ ଡବଲ ଇଞ୍ଜିନ୍ ସରକାରରେ ଯେପରି ନିଜ ଦଳର ପତିଆରା ବୃଦ୍ଧି ପାଇଁ ରାଜନୀତି ପାଣିପାଗକୁ ଶତ ପ୍ରତିଶତ ପ୍ରାଧାନ୍ୟ ଦିଆଯାଉଛି, ସେହିପରି ରାଜ୍ୟର ଜୀବନ ଓ ଜୀବିକା ବଞ୍ଚିବା ପାଇଁ ଆଦୌ ସେପରି ବ୍ୟବସ୍ଥା କରାଯାଉ ନ ଥିବା ଜଣା ପଡୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରତିକାର ପାଇଁ ବ୍ୟାପକ ସଚେତନତା ଓ ଭିତ୍ତିଭୂମି ପ୍ରତିଷ୍ଠା ବାବଦରେ କୃଷି ବିଭାଗ ଓ ଅନ୍ୟ ବିଭାଗ ଗୁଡ଼ିକରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଥିବା ବେଳେ ଏହା ଖର୍ଚ୍ଚ କରା ନ ଯାଇ ଅସାଧୁ ଉପାୟରେ ଅନେକ ସମୟରେ ଏହି ଟଙ୍କା ବ୍ୟୟ କରାଯାଉଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କର ଏଥିପ୍ରତି ଆଦୌ ଚିନ୍ତା ନାହିଁ। ଯଦି ବାହାଘର ବେଳେ ବାଇଗଣରୁଆଁ ପରି ଏହି ଟଙ୍କା ବିନି ଯୋଗକରାଯାଏ ତେବେ ଚାଷୀର ସ୍ୱାର୍ଥରେ ଏହା ଲାଗିବ କିପ ରିବୋଲି ସେ ପ୍ରଶ୍ନ କରିଛନ୍ତି। ଚଳିତ ଖରିଫରେ ଧାନ, ଡାଲି ତୈଳ ବୀଜ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ହ୍ରାସ ପାଇବ।ଏହାର ସିଧା ସଳଖ ପ୍ରଭାବଖାଦ୍ୟ ସୁରକ୍ଷା, ମୂଲ୍ୟବୃଦ୍ଧି ଓ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ିବ। ମୌସୁମୀ ବର୍ଷା କମିବା ଓ ଡିଜେଲ ମୂଲ୍ୟ ବୃଦ୍ଧି କୃଷକ ମାନଙ୍କୁ ଦୁଇ ପଟୁ ଚାପ ଦେଲାଣି। ସେଥିପାଇଁ ଜଳ ସଞ୍ଚୟ ଓ ଜଳ ସେଚନ ପ୍ରଣାଳୀକୁ ସହଜ କରିବା ଏବଂ ପାଣି ପାଗକୁ ଦୃଷ୍ଟିରେ ରଖିସ ଅଳକି ସମଚାଷ ପାଇଁ ଚାଷୀଙ୍କୁ ବ୍ୟାପକ ସଚେତନତା କରାଇବା ଉଚିତ୍।

## ଭାରତରେ ମୋବାଇଲ୍ ହାଇ-ଭୋଲ୍ଟେଜ୍ ସମାଧାନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): ଭାରତର ପ୍ରଥମ ସ୍ୱଦେଶୀ ୨୨୦ କେଭି ମୋବାଇଲ୍ ଗ୍ୟାସ୍ ଇନସୁଲେଟେଡ୍ ସ୍ୱିଚଗିୟର (ଏମ୍-ଜିଆଇଏସ୍) ସିଷ୍ଟମ୍ ସଫଳତାର ସହ ପ୍ରଦାନ କରିବା ପରେ, ତୋସିବା ଟ୍ରାନ୍ସମିସନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ (ଟିଟିଡିଆଇ) ପାୱାର ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରିଡ୍)କୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ସଫଳତାର ସହ ପ୍ରଦାନ କରିଥିବା ଘୋଷଣା କରିଛି।




ଏହି ସଫଳତା ଟିଟିଡିଆଇର ସ୍ୱଦେଶୀ ମୋବାଇଲ୍ ହାଇ-ଭୋଲ୍ଟେଜ୍ ସମାଧାନ ପୋର୍ଟଫୋଲିଓକୁ ଆହୁରି ସମୃଦ୍ଧ କରିବା ସହ ଦେଶର ଗ୍ରିଡ୍ ଆଧୁନିକୀକରଣ, ସ୍ଥିତିସ୍ଥାପକତା ଏବଂ ଆତ୍ମନିର୍ଭର ଶକ୍ତି ଭିତ୍ତିଭୂମି ଗଠନରେ ମଧ୍ୟ ସହାୟକ ହେବ। ଏହି ଅବସରରେ ଟିଟିଡିଆଇର ଚେୟାରମ୍ୟାନ୍ ଓ ମ୍ୟାନେଜିଂ ଡିରେକ୍ଟର ଶ୍ରୀ ହିରୋଶି ଫୁରୁତା କହିଛନ୍ତି, "ପାୱାର ଗ୍ରିଡକୁ ସ୍ୱଦେଶୀ ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ପ୍ରଦାନ କରିବା ଆମ ପାଇଁ ଗର୍ବର ବିଷୟ। ଏହା କିଛି ମାସ ପୂର୍ବରୁ ଭାରତର ପ୍ରଥମ ସ୍ୱଦେଶୀ ୨୨୦ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ପ୍ରଦାନ ପରେ ଆଉ ଏକ ବଡ଼ ସଫଳତା। ଏହି କମ୍ପାକ୍ଟ ଏବଂ ସହଜରେ ପରିବହନ ଯୋଗ୍ୟ ସଲ୍ୟୁସନ୍ଟି ଭାରତରେ ବିକଶିତ ଏବଂ ନିର୍ମିତ ହୋଇଛି, ଯାହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ମିଶନ୍ର ତିଆମର ଦୃଢ଼ ପ୍ରତିବଦ୍ଧ ତାକୁ ପ୍ରତି ଫଳିତ କରୁଛି।"

ପାୱାର ଗ୍ରିଡ୍ର ବୈଷୟିକ, ଗୁଣବତ୍ତା, ପରିଚାଳନା ଓ ସୁରକ୍ଷା ସମ୍ବନ୍ଧୀୟ ମାନଦଣ୍ଡକୁ ଧ୍ୟାନରେ ରଖି ଭାରତରେ ଥିବା ତୋସିବାର ଇଞ୍ଜିନିୟରିଂ ଓ ଉତ୍ପାଦନ କ୍ଷମତାକୁ ବ୍ୟବହାର କରି ଏହି ୧୩୨ କେଭି ଏମ୍-ଜିଆଇଏସ୍ ସିଷ୍ଟମ୍ ବିକଶିତ କରାଯାଇଛି।

# ବଜେଟରେ ୧୦କୋଟି ଟଙ୍କା ଫଣ୍ଡର ବ୍ୟବସ୍ଥା କରାଯାଉ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ୧୦ହଜାର ଟଙ୍କାର ଅଂଶଧନ ମୂଳକ ପେନସନ ପାଇଁ ପ୍ରାୟ ୧୦କୋଟି ଟଙ୍କାର ମୂଳପାଣ୍ଠି ସୃଷ୍ଟି ପାଇଁ ଆଗାମୀ ଅତିରିକ୍ତ ବଜେଟରେ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଷ୍ଟି ଦେବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରସ୍ତାବ ଦେବା ସହ ଯୁବସାମ୍ବାଦିକ ମାନେ ଏକାଠି ହୋଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାପାଇଁ ଆହ୍ୱାନ ଦେଇଥିଲେ । ଓଡିଶା ପ୍ରେସ ଏକାଡେମୀର ୩୨ତମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ନିଜର ମତପ୍ରକାଶ କରିଥିଲେ । ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା କହିଲେ ଯେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କର୍ମଜିବୀ ସାମ୍ବାଦିକ ମାନଙ୍କର ଗଣନା ଓ ଅଂଶଧନମୂଳକ ପେନସନ କରିପାରିନାହାନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ ଆଗେଇ ଦେବାପାଇଁ ସରକାର ପଦକ୍ଷେପ ଗ୍ରହଣ ଜରୁରୀ ହୋଇ ପଡିଛି । ସରକାର



ଖୁବଶୀଘ୍ର ଓଡିଶା ପ୍ରେସ ଏକାଡେମୀକୁ ଏହାର ନୋଡାଲ ଏଜେନ୍ସି ଭାବେ ନିଯୁକ୍ତି ଦେବାର ଆବଶ୍ୟକତା ରହିଛି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗ ଦେଇ କହିଲେ ଯେ ସାମ୍ବାଦିକମାନଙ୍କୁ ନିର୍ଭିକ ଭାବେ କାର୍ଯ୍ୟ କରିବାକୁ ହେଲେ ସେମାନଙ୍କୁ ଆର୍ଥିକ ଦିଗରେ ମଜଭୁତ ହେବାର ଆବଶ୍ୟକତା ରହିଛି । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ର , ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ରବିରାୟ ସାମ୍ବାଦିକ ମାନଙ୍କର ବିଭିନ୍ନ ଅସୁବିଧା ଓ ବାଧାବିଘ୍ନ ଦିଗରେ ରେଖାପାତ କରିଥିଲେ । ଏହି ଅବସରରେ ଓଡିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ରଙ୍କ ୫୫ତମ ଜନ୍ମଦିବସ ପାଳନ କରାଯାଇଥିଲା ଓ ଶୁଭେଚ୍ଛା ଜ୍ଞାପନ ସହ ଦୀର୍ଘ ଜୀବନକାମନା କରାଯାଇଥିଲା । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଛି ଯୁବ ସାମ୍ବାଦିକଙ୍କୁ ଡିପ୍ଲୋମା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଓଡିଶା ପ୍ରେସ ଏକାଡେମୀର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଓଡିଶା ପ୍ରେସ ଏକାଡେମୀର ଉପାଧ୍ୟକ୍ଷ ସୁଜ୍ଞାନ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଶେଷରେ ଓଡିଶା ପ୍ରେସ ଏକାଡେମୀର ସମ୍ପାଦିକା ଗୀତାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଥି ଅଧ୍ୟୟନ, ଗବେଷଣା ଏବଂ ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ

ଭୁବନେଶ୍ୱର, ୨/୬ (ସ୍ୱାଧିକାରନ୍ୟୁଜ): କୌଣସି ଜାତିର ପରିଚୟ କେବଳ ତାହାର ଭୂଖଣ୍ଡ, ରାଜନୈତିକ ଇତିହାସ କିମ୍ବା ଅର୍ଥନୈତିକ ସମୃଦ୍ଧିରେ ନୁହେଁ; ବରଂ ତାହାର ସଂରକ୍ଷିତ ଜ୍ଞାନ, ସ୍ମୃତି ଓ ସାଂସ୍କୃତିକ ଉତ୍ତରାଧିକାରରେ ନିହିତ। ସେହି ଉତ୍ତରାଧିକାରର ସବୁଠାରୁ ପ୍ରାମାଣିକ ଓ ଜୀବନ୍ତ ଦଲିଲ ହେଉଛି ପୋଥି ଓ ପାଣ୍ଡୁଲିପି। ପୋଥି ସଂରକ୍ଷଣ, ଅଧ୍ୟୟନ ଓ ଗବେଷଣା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଉଦଘାଟନ କରି ବିଶିଷ୍ଟ ପୋଥିବିଜ୍ଞାନୀ ତଥା ଜାତୀୟ ପାଣ୍ଡୁଲିପି ମିସନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି।



ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ପାଣ୍ଡୁଲିପି ସମ୍ପଦର ସନ୍ଧାନ, ସର୍ବେକ୍ଷଣ, ସଂରକ୍ଷଣ, ଡିଜିଟାଲ ରୂପାନ୍ତରଣ, ବର୍ଣ୍ଣନାତ୍ମକ ସୂଚୀକରଣ, ସମ୍ପାଦନା, ପ୍ରକାଶନ ଏବଂ ଗବେଷଣାର ପ୍ରସାର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପୋଥିବିତ ପ୍ରଫେସର ହରେକୃଷ୍ଣ ମିଶ୍ର କହିଥିଲେ ଯେ ପୋଥିଗୁଡିକର ସଠିକ ପଠନ ଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ବିକାଶ ସମ୍ଭବ ହୋଇ ପାରିବ। ସେ କହିଥିଲେ ଯେ କର୍ମଶାଳାର ମୂଳ ଲକ୍ଷ୍ୟ କେବଳ ପାଣ୍ଡୁଲିପି ସମ୍ବନ୍ଧରେ ସାଧାରଣ ସୂଚନା ପ୍ରଦାନ କରିବା ନୁହେଁ; ବରଂ ପାଣ୍ଡୁଲିପି ଅଧ୍ୟୟନକୁ ଏକ ସୁସଂହତ ଶାସ୍ତ୍ରୀୟ ଅନୁଶୀଳନ ଭାବରେ ପ୍ରତିଷ୍ଠିତ କରିବା। ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ତଥା ଏହି କର୍ମଶାଳାର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ବିଭୁତି ଭୂଷଣ ମହାପାତ୍ର ପାଣ୍ଡୁଲିପି ବିଜ୍ଞାନ, ଲିପିବିଜ୍ଞାନ, କୋଡିକୋଲୋଜି, ପାଠୋଦ୍ଧାର, ପାଠ ସଂଶୋଧନ, ସମାଲୋଚନାତ୍ମକ ସମ୍ପାଦନା, ବର୍ଣ୍ଣନାତ୍ମକ ସୂଚୀ ପ୍ରସ୍ତୁତି, ଡିଜିଟାଲ ସଂରକ୍ଷଣ ଓ ଗବେଷଣା ପ୍ରଣାଳୀ ଭଳି ବିଷୟଗୁଡ଼ିକୁ ଏହି କର୍ମଶାଳାରେ ସାମିଲ କରାଯାଇଛି ବୋଲି କହିଥିଲେ।

ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଦେବାନନ୍ଦ ଭଞ୍ଜ, ବରିଷ୍ଠ ଅଧିକାରୀ ଶ୍ରୀନିବାସ ମିଶ୍ର ଅନ୍ୟ ବୈଷୟିକ ବିଶେଷଜ୍ଞମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦଶ ଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଦୈନିକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଦ୍ୱାନମାନେ ବୈଷୟିକ ଅଧିବେଶନଗୁଡ଼ିକରେ ତାଲିମ ପ୍ରଦାନ କରିବେ।



## ସାଇ ବାଣୀ....

ଶିରିଡି ମାଟିରେ ପାଦ ଦେବା ମାତ୍ରେ ଯେ କୌଣସି ବ୍ୟକ୍ତିର ସମସ୍ତ ଦୁଃଖ ଓ କ୍ଲେଶର ଅବସାନ ଘଟିବ ।

## ସଂପାଦକୀୟ......

# ଇଣ୍ଡି ମେଣ୍ଟ ପାଇଁ ପରୀକ୍ଷା

ବିଗତ କିଛି ସପ୍ତାହ ମଧ୍ୟରେ ଭାରତୀୟ ରାଜନୀତିରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜନୀତିରେ ଅନେକ ପରିବର୍ତ୍ତନ ଆସିଛି। ଦକ୍ଷିଣ ଭାରତର ସବୁଠାରୁ ବଡ଼ ରାଜ୍ୟ ତାମିଲନାଡୁ ବିଧାନସଭା ନିର୍ବାଚନରେ ଶାସକ ଡିଏମକେ ପରାଜିତ ହୋଇଛି। ଅଭିନେତାରୁ ନେତା ସାଜିଥିବା ଇଲାପତି ବିଜୟଙ୍କ ଦଳ ଟିଭିକେ ପ୍ରଥମ ଥର ଲାଗି ନିର୍ବାଚନ ଲଢ଼ି ସଫଳତା ହାସଲ କରିଛି। ବିଧାନସାରେ ଏହା ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇ ସରକାର ଗଠନ କରିଛି। ଯଦିଓ ଟିଭିକେ ମ୍ୟାଜିକ ନମ୍ବରଠାରୁ ସାମାନ୍ୟ ପଛରେ ପଡ଼ିଗଲା, କିନ୍ତୁ ଏହା କଂଗ୍ରେସ, ବାମପନ୍ଥୀ ଏବଂ ଅନ୍ୟ କେତେକ ଛୋଟ ଦଳର ସମର୍ଥନରେ ସରକାର ଗଠନ କରିଛି। ସହଯୋଗୀ ଦଳ ମଧ୍ୟରେ ସବୁଠାରୁ ବଡ଼ ଦଳ ହେଲା କଂଗ୍ରେସ। ରାଜ୍ୟ ବିଧାନସଭାକୁ ଏହାର ୫ଜଣ ସଭ୍ୟ ନିର୍ବାଚିତ ହୋଇଛନ୍ତି। ଡିଏମକେ ସହ ମେଣ୍ଟ କରି ଏହା ୫ଟି ଆସନ ଜିତିଛି। ନଚେତ ଏହା ତାମିଲନାଡୁ ବିଧାନସଭାରେ ଖାତା କୋଲିପାରିନଥାନ୍ତା। କିନ୍ତୁ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହା ରଙ୍ଗ ବଦଳାଇଲା ଏବଂ ତତ୍କାଳ ସରକାର ଗଠନ ଲାଗି ଥାଲାବତି ବିଜୟଙ୍କ ଟିଭିକେକୁ ସମର୍ଥନ ଘୋଷଣା କଲା। ରାଜ୍ୟ ସରକାରରେ ମଧ୍ୟ ଏହା ସାମିଲ ହୋଇଛି। କଂଗ୍ରେସର ଦୁଇଜଣ ମନ୍ତ୍ରୀ ପଦ ପାଇଛନ୍ତି। ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ତାମିଲନାଡୁରେ କ୍ଷମତାର ଅଂଶୀଦାର ହୋଇଛି। ଅନ୍ୟ ପକ୍ଷରେ କଂଗ୍ରେସର ଏପରି ଆଚରଣକୁ ସମାଲୋଚନା କରି ଡିଏମକେ ଚାତୀୟ ରାଜନୀତିରେ ମୁଖ୍ୟ ବିରୋଧୀ ଇଣ୍ଡିମେଣ୍ଟରୁ ଓହରିଯାଇଛି। ଡିଏମକେ ଇଣ୍ଡିମେଣ୍ଟର ଚତୁର୍ଥ ବୃହତ୍ତମ ଅଂଶୀଦାର ଦଳ ଥିଲା। ସଂସଦରେ ଡିଏମକେ ସଦସ୍ୟଙ୍କ ନିମନ୍ତେ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା କରିବାକୁ ଡିଏମକେ ଲୋକସଭା ବାଚସ୍ପତିଙ୍କ ନିକଟକୁ ପତ୍ର ଲେଖିଛି। ଯାହା ଜଣାପଡୁଛି ଆଗାମୀ ଦିନରେ ଡିଏମକେ ପରିବର୍ତ୍ତେ ଟିଭିକେ ଇଣ୍ଡିମେଣ୍ଟରେ ସାମିଲ ହେବ। ତାମିଲନାଡୁ ରାଜନୀତିରେ ଆଉ ଏକ ବଡ଼ ଘଟଣା ଘଟିବାକୁ ଯାଉଛି। ବିଜେପିର ପୂର୍ବତନ ରାଜ୍ୟସଭାପତି କେ ଆନ୍ନାମଲାଇ ଦଳରୁ ଇସ୍ତଫା ଦେଇ ନିଜସ୍ୱ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ତାମିଲ ରାଜନୀତିର ଆଉ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି। ଏହା ଫଳରେ ତାମିଲନାଡୁରେ ବିଜେପିର କ୍ଷତି ହେବ। ସେହିପରି ଦକ୍ଷିଣ ଭାରତର ଦ୍ୱିତୀୟ ବଡ଼ ଏବଂ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଦରମୈୟା ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଡି କେ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସିଦ୍ଦରମୈୟାଙ୍କ ସରକାରରେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ଥିଲେ। କିନ୍ତୁ ଗତ ନିର୍ବାଚନରେ ତାଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼ିଥିଲା ଏବଂ ବିଜୟ ହାସଲ କରିଥିଲା। ତେଣୁ ସ୍ୱାଭାବିକ ଭାବେ ଶିବକୁମାର ମୂଳରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିଲେ। କିନ୍ତୁ ବରିଷ୍ଠତା ଦୃଷ୍ଟିରୁ କଂଗ୍ରେସ ହାଇକମାଣ୍ଡ ସିଦ୍ଦରମୈୟାଙ୍କୁ ପ୍ରଥମେ ସୁଯୋଗ ଦେଲେ। ଏବେ ଶିବକୁମାରଙ୍କ ପାଳି ପଡ଼ିଲା। ଏଥିପାଇଁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଲା। ଶେଷରେ ରାହୁଲ ଓ ଖାର୍ଗେ ବୁଝିଲେ ଯେ, ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ବ୍ୟତିତ ଦଳ ପାଖରେ ଆଉ ଚାରା ନାହିଁ। କାରଣ ଦଳର ସଙ୍ଗଠନ ଏବଂ ଅଧିକାଂଶ ବିଧାୟକ ତାଙ୍କ ପଛରେ ରହିଛି। କଂଗ୍ରେସର ସଙ୍କଟ ବେଳେ ସେ ସବୁ ବେଳେ ଅଣ୍ଟାଭିଡ଼ି ଠିଆ ହୋଇଛନ୍ତି। ତେଣୁ ତାଙ୍କୁ ଏବେ ସୁଯୋଗ ଦେବା କଥା। କେରଳ ବିଧାନସଭା ନିର୍ବାଚନରେ ସିପିଏମ ନେତୃତ୍ୱାଧିନ ବାମପନ୍ଥୀ ସାମ୍ମୁଖ୍ୟ ପରାଜିତ ହେବା ପରେ କଂଗ୍ରେସ ନେତୃତ୍ୱାଧିନ ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ୟୁଡିଏଫ ସରକାର ଗଠନ କରିଛି। ଦକ୍ଷିଣ ଭାରତର ତିନି ପ୍ରମୁଖ ରାଜ୍ୟରେ ଏପରି ଦ୍ରୁତ ପରିବର୍ତ୍ତନ ଆଗାମୀ ଦିନରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିବାର ବିଶେଷ ସମ୍ଭାବନା ଦେଖାଯାଉନି। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ, ବିରୋଧୀ ଇଣ୍ଡିମେଣ୍ଟରେ ପରିବର୍ତ୍ତନ ହେବ। ପଶ୍ଚିମବଙ୍ଗରେ ପରାଜିତ ହୋଇଥିବା ମମତା ବାନାର୍ଜୀ ଏବେ ଚାପରେ ପଡ଼ି ଇଣ୍ଡିମେଣ୍ଟର ପୁନର୍ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି। ବିପଦ ବେଳେ ସମସ୍ତେ ସାଥୀ ଖୋଜନ୍ତି। ମମତାଙ୍କ ଅହଙ୍କାର ଭାଙ୍ଗିଯାଇଛି। ତେଣୁ ସେ ବିକଳ ହୋଇ ସାଥୀ ସହଯୋଗୀ ଖୋଜୁଛନ୍ତି। କିନ୍ତୁ ତାଙ୍କୁ କଂଗ୍ରେସ ସହଜରେ ବିଶ୍ୱାସ କରିନପାରେ। ସେ ଜଣେ ନିର୍ଭରଯୋଗ୍ୟ ନେତ୍ରୀ ନୁହଁନ୍ତି। କଂଗ୍ରେସ, ବାମପନ୍ଥୀ, ଟିଏମସି ଓ ଆମ ଆଦମୀ ପାର୍ଟୀକୁ ଏକାଠି କରିବାକୁ ସକ୍ଷମ ନୁହଁନ୍ତି। ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ଆପ ପରସ୍ପର ବିରୋଧରେ ଲଢ଼ିବେ। ୟୁପିରେ ସମାଜବାଦୀ ପାର୍ଟୀ ଓ କଂଗ୍ରେସ ପରସ୍ପର ସହ ଆସନ ବୁଝାମଣା କରିପାରନ୍ତି। କିନ୍ତୁ ତାହା ଯଦି ସଫଳ ନହୁଏ ତେବେ ସମାଜବାଦୀ ପାର୍ଟୀ କଂଗ୍ରେସକୁ ପରିତ୍ୟାଗ କରିପାରେ। ମହାରାଷ୍ଟ୍ରରେ ଶିବସେନା ଓ ଏନସିପିର ବିଭାଜନ ପରେ ଇଣ୍ଡିମେଣ୍ଟ ଅତି ଦୁର୍ବଳ ହୋଇଯାଇଛି। ମୋଦିଙ୍କୁ ଶରଦ ପାୱାରଙ୍କ ପ୍ରଶଂସା ପରେ କଂଗ୍ରେସ ଓ ଶିବସେନା ଅପଦସ୍ତ ହୋଇଛି। ତେଣୁ ଗୋଟିଏ ବାକ୍ୟରେ କହିଲେ ଇଣ୍ଡିମେଣ୍ଟ ପାଇଁ ଏବେ ପରୀକ୍ଷାର ବେଳ ଉପସ୍ଥିତ।

# ବଢୁଛି ତାତି, ଛାଇ ଉଭାନ !

**ସତ୍ୟ ମହାପାତ୍ର ■**

କଟକ ମଧୁପାଟଣା ମାଛ ମାର୍କେଟରେ ଦଶ ଘଣ୍ଟା ନିଆଁ ସ୍ଥାନୀୟ ଚତୁର୍ଦ୍ଦିଗକୁ ଏକ ପ୍ରକାର କଳାମୟ କଳଙ୍କ ପରିବେଶ ଭିତରକୁ ଘଣ୍ଟା ଘଣ୍ଟା ଧରି ଠେଲି ଦେଲା। ବେଶୀ କ୍ଷତିଗ୍ରସ୍ତ ହେଲା ଲିଙ୍କରୋଡ଼ର ଟ୍ରାଫିକ ବ୍ୟବସ୍ଥା। ବର୍ତ୍ତମାନର ସମୟକୁ ଦେଖନ୍ତୁ। ଆମେ ସମସ୍ତେ ତାତି ବଢୁଥିବା ନେଇ ଉଦବେଗ ପ୍ରକାଶ କରୁଛେ। କିନ୍ତୁ ବାସ୍ତବିକତା ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନର ଜଳବାୟୁ ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଛି। ଆମେ ଏବେ ସକାଳୁ ଥଣ୍ଡା ପରିବେଶଟି ପାଉଛେ, କ୍ରମଶଃ ତାତି ହଠାତ ବଢ଼ି ପାରଦ ମୁହାଁ ଲାଲ ହୋଇଯାଉଛି, ଅପରାହ୍ନ ପର ସମୟକୁ କାଳବୈଶାଖୀର ତାଣ୍ଡବଲୀଳା କିଛି ସମୟ ପାଇଁ ବର୍ଷା। କିନ୍ତୁ ପ୍ରଚଣ୍ଡ ପବନ ଭିତରେ ବହୁତ କ୍ଷୟକ୍ଷତି, ରାତିରେ କିନ୍ତୁ ଗୁଳୁଗୁଳି। ପାହାନ୍ତା ବେଳକୁ ଯାହା ଟିକେ ପରିବେଶ ଥଣ୍ଡା ହେଉଛି। ସତରେ ପରିବେଶ ଏପରି କାହିଁକି ହେଉଛି ? ସହରର ତାତି ଯେଉଁ ବଢୁଛି ଏହା ସହିତ ଅଂଶୁଘାତ ସମସ୍ୟାକୁ ଅନେକ ନଜର ଅନ୍ଦାଜ କରିଦେଉଛନ୍ତି। ଓଡ଼ିଶାରେ ଅଂଶୁଘାତ ସମସ୍ୟା ଦେଖାଦେଲାଣି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ଦୂରଦୃଷ୍ଟିହୀନ ବିକାଶ ଯୋଜନା ଏବଂ ସର୍ବୋପରି ଜନସାଧାରଣଙ୍କ ଅପରିଣାମଦର୍ଶୀ ଜୀବନ ଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଆମେ ଭଲ ଭାବେ ଜାଣିଛେ ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ।

ପ୍ରାକୃତିକ ବିପର୍ଯ୍ୟୟ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ ବାଧକ ସାଜିଥାଏ ଏବଂ ଏହାର ସୁଦୂରପ୍ରସାରୀ କୁ ପ୍ରଭାବ ମଧ୍ୟ ରହିଛି। ଅତୀତରେ ଦେଶର ସୁପ୍ରିମକୋର୍ଟ ଏ ପ୍ରସଙ୍ଗରେ ସରକାରଙ୍କ ଠାରୁ ଉତ୍ତର ମାଗିଛନ୍ତି। ଜଳବାୟୁ ପରିବର୍ତ୍ତନ, ଅଂଶୁଘାତ ଓ ଭାରତର ପ୍ରସ୍ତୁତି ସମ୍ପର୍କରେ ସରକାର ସ୍ୱଷ୍ଟ ଉତ୍ତର ରଖିଛନ୍ତି। ଅଂଶୁଘାତ ଜନିତ ଅଘଟଣ ପାଇଁ ସରକାରୀ କ୍ଷତି ପୂରଣ ରାଶି ରହିଛି। କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ (ସଙ୍ଗ ବିଧେୟକ-୨୦୨୪ ପାରିତ କରିଛନ୍ତି) ଏ କ୍ଷେତ୍ରରେ ସହରାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ବ୍ୟବସ୍ଥା ରହିଛି। ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୦୫ ସ୍ଥାନରେ ପ୍ରଣୀତ ହୋଇଥିବା ଏହି ନୂଆ ଆଇନରେ ପାଣ୍ଠି ପରିଚାଳନା ଓ କ୍ଷତି ପୂରଣ ଭଳି କେତେକ ସମ୍ବେଦନଶୀଳ ପ୍ରସଙ୍ଗର କେନ୍ଦ୍ରୀକରଣ ହୋଇଥିବା ଅଭିଯୋଗ ଦୃଷ୍ଟିରୁ ଏହି ଆଇନ ବାସ୍ତବ ସମସ୍ୟା ସମାଧାନରେ ସହାୟକ ନିଶ୍ଚିନ୍ତ ହେବ। ନୂଆ ଆଇନରେ ଏଆଇ ସହଯୋଗ ଆଧାରିତ ବ୍ୟବସ୍ଥା ରହିଛି। ପ୍ରତି ଗ୍ରୀଷ୍ମଋତୁରେ ନିର୍ଦ୍ଦିଷ୍ଟ ସମୟରେ ବାହାରକୁ ନ ଯିବା, ଶ୍ରମଜୀବୀଙ୍କ ପାଇଁ ନିର୍ମାଣ କାର୍ଯ୍ୟର ସମୟ ନିର୍ଘଣ୍ଟ ମଧ ରହିଛି। କିନ୍ତୁ କେତେକ କ୍ଷେତ୍ରରେ କଟକଣା ଉଲ୍ଲଂଘନ ହେଉଛି।

ଏସବୁ ଉତ୍ତର ଆମକୁ ଆଉ କେଉଁଠି ଖୋଜିବା ପାଇଁ ପଡ଼ିବ ନାହିଁ, ଯେଉଁପରି କଂକ୍ରିଟ ଜଙ୍ଗଲ ବିସ୍ତାର କରୁଛେ ସେ ତୁଳନାରେ ଗଛ ଲାଗୁନି, ବୃକ୍ଷରୋପଣ ହେଲେ ବି ଅନେକ କ୍ଷେତ୍ରରେ ଏହାର ଯତ୍ନ ନିଆଯାଇ ପାରୁନାହିଁ। ଓଡ଼ିଶାର ସହର ଗୁଡ଼ିକ ଦିନକୁ ଦିନ ଉତ୍ତପ୍ତ ହୋଇ ଚାଲିଛି। ଏହାର କାରଣ ହେଉଛି ସହରୀକରଣ ଯୋଜନାରେ ପ୍ରଶସ୍ତ ରାସ୍ତା ହେଉଥିଲେ ମଧ ବର୍ଦ୍ଧିତ ତାପମାନ ପ୍ରଭାବର ମୂଲ୍ୟ କଥା କେହି ଚିନ୍ତା କରୁନାହାଁନ୍ତି। ସହରର ଅନେକ ଜଳାଶୟ ସୁରକ୍ଷିତ ନୁହେଁ ଏବଂ ଆର୍ଦ୍ରଭୂମିକୁ ତାପ ସୁରକ୍ଷା ସହର ଆଉ ପାଉ ନାହିଁ। ଦିନଥିଲା ଏହି ସହର ଭିତରେ ଅନେକ ଗଛ ସବୁ ରହୁଥିଲା। ଯାହାର ଛାଇ ଗୁଡ଼ିକ ପର୍ଯ୍ୟାପ୍ତ ଅମ୍ଳଜାନ ଦେବା ସହିତ ବିଶୁଦ୍ଧ ଥଣ୍ଡା ପରିବେଶରେ ଦେହରେ ସୁବିଜିମା ଭରି ଦେଉଥିଲେ। ବର୍ତ୍ତମାନ ସେ ସବୁ ଆଉ ନାହିଁ। ଅନେକ ଜାଗାରେ ବିକାଶ ନିମିତ୍ତ ଗଛ କାଟିବା ପାଇଁ ପଡ଼ିଥାଏ କିନ୍ତୁ ତାହା ତୁଳନାରେ ଏହାର ପରିପୂରଣ ନିମିତ୍ତ ବୃକ୍ଷରୋପଣ ହୋଇ ଏହାର ଯତ୍ନ ନିଆଯାଉ। କହିବାକୁଗଲେ ଆମେ ଏହି ତାପମାନ ବଢ଼ାଇବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାର ସମୟ ପହଞ୍ଚିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୬୫୮୧୦୫୫୩୨

# ଓଡ଼ିଆ ଜାତିର ଜୀବନ ବେଦ 'ଭାଗବତ' ଓ 'ଶ୍ରୀ ଜଗନ୍ନାଥ ସଂସ୍କୃତି'

**ଅଲେଖ ଚନ୍ଦ୍ର ସାମଲ ■**

ସଚରାଚର ବିଶ୍ୱର ସର୍ବମୟକର୍ତ୍ତା ଭାବେ ବିଦିତ, କୋଟି କୋଟି ଭକ୍ତଜନଙ୍କର ପ୍ରାଣର ପବନ ତଥା ହୃଦୟର ସ୍ପନ୍ଦନ ଭାବେ ଅଭିହିତ, ତଥା ବିଶ୍ୱ ଦେବତା ଭାବେ ବିଶ୍ୱର କୋଣ ଅନୁକୋଣରେ ଆରାଧିତ, ନୀଳସୁନ୍ଦର ପର୍ବତ ଉପରେ ଶ୍ରୀବତ୍ସ ଖଣ୍ଡଶାଳର ରତ୍ନସିଂହାସନରେ ବିରାଜିତ, ସଗୁଣ ସାକାର ଅଥବା ନିର୍ଗୁଣ ନିରାକାର ଦାରୁବ୍ରହ୍ମ ରୂପରେ ପୂଜିତ, କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥ ଅଦ୍ୟାବଧି ମୁନି, ଋଷି, ସିଦ୍ଧସାଧକ, ଭାବୁକ ତଥା ଗବେଷକମାନଙ୍କ ନିକଟରେ ରହସ୍ୟମୟ ଦେବତା ଭାବେ ହୁଅନ୍ତି ବିବେଚିତ। ଅପୌରୁଷେୟ ବେଦଚତୁଷ୍ଟୟ, ରତ୍ନସିଂହାସନରେ ବିରାଜିତ ଏହି ପରଂବ୍ରହ୍ମଙ୍କର ରହସ୍ୟକୁ ଉନ୍ମୋଚନ କରିବା ପାଇଁ ସମର୍ଥ ହୋଇନପାରି ନେତି ନେତି ଶବ୍ଦ ଉଚ୍ଚାରଣ ମାଧ୍ୟମରେ ପଶିଛନ୍ତି ଶରଣ। ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆକୃତି, ରୀତିନୀତି ତଥା ପୂଜାପଦ୍ଧତି ତାଙ୍କୁ ସବୁ ଧର୍ମ, ସମ୍ପ୍ରଦାୟ ତଥା ମତବାଦର ଉର୍ଦ୍ଧ୍ୱରେ କରିଛି ସ୍ଥାପିତ। ଇତିହାସ ପ୍ରସିଦ୍ଧ ମାର୍ଟିନ ଲୁଥର ଜର୍ମାନୀ ଭାଷାରେ ବାଇବେଲ ଅନୁବାଦ କରି ସମଗ୍ର ଇଉରୋପରେ ଚହଳ ସୃଷ୍ଟି କରି ପାରିଥିବାର ଜଣାଯାଏ। ଭକ୍ତ କବି ଅତିବଡ଼ୀ ଜଗନ୍ନାଥ ଦାସଙ୍କୁ କେତେକ ଉତ୍କଳୀୟ ମାର୍ଟିନ ଲୁଥର କହିଥାନ୍ତି। ସଂସ୍କୃତ ଭାଗବତ ଅନୁବାଦ କରି ଜଗନ୍ନାଥ ଦାସ କାଳ ବକ୍ଷରେ ହୋଇଗଲେ ଅମର। ଏ ଭାଗବତ ପାଠ କରି ଓଡ଼ିଆ ଜନତା କେବଳ ଆଧ୍ୟାତ୍ମିକ ଆନନ୍ଦ ପାଏ ନାହିଁ। ତାହାର ଦର୍ଶନ ତତ୍ତ୍ୱରେ ମଧ୍ୟ ବିମୋହିତ ହୁଏ। ନୀତି ଶିକ୍ଷାର ଧାରାରେ ନିଜକୁ ସଜାଡ଼ିବାକୁ ପ୍ରୟାସ କରେ। ଯାହା ଭାଗବତର ଲୋକପ୍ରିୟତାର ଏକ ପ୍ରଧାନ କାରଣ ବୋଲି କହିବାକୁ ହେବ। ଯେତେବେଳେ କୌଣସି ପ୍ରାଦେଶିକ ଭାଷାରେ ଭାଗବତକୁ ଅନୁବାଦ କରିବାର ସାହାସ ହୋଇ ନଥିଲା, ସେହି ସମୟରେ ଜଗନ୍ନାଥ ଦାସ ଭାଗବତ ଓଡ଼ିଆରେ ଅନୁବାଦ କରି କମ ପାଣ୍ଡିତ୍ୟ ଏବଂ ସାହାସର ପରିଚୟ ପ୍ରଦାନ କରିନାହାନ୍ତି।

ଭାଗବତ ଆରମ୍ଭରେ ଜଗନ୍ନାଥ ଦାସ ପ୍ରଭୁ ନୃସିଂହଙ୍କର ଆଶୀର୍ବାଦ ଭିକ୍ଷା କରି ଲେଖିଛନ୍ତି, 'ନମଇଁ ନୃସିଂହ ଚରଣ। ଅନାଦି ପରମ କାରଣ।' ଶ୍ରୀଜଗନ୍ନାଥଙ୍କୁ ଗୋଲକ ବିହାରୀ ବିଷ୍ଣୁରୂପେ ପ୍ରତିପାଦନ କରି ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଛନ୍ତି - 'ସେହୁ ଗୋଲୋକ ନିତ୍ୟସ୍ଥଳ। ସେହିଟି ଗିରି ନୀଳାଚଳ, କୋଟିଏ ଯୁଗ ଯେବେ ଯାଇ। ଏଥିରେ ଲୀଳା ନ ସରଇ'। ବ୍ରହ୍ମରୂପୀ ଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ - ପରମାତ୍ମାଙ୍କର ପ୍ରତୀକ ମାତ୍ର। ଶ୍ୱେତାଶ୍ୱେତ ଉପନିଷଦରେ ପୁରୁଷୋତ୍ତମଙ୍କର ଲକ୍ଷଣ ସବୁ ବର୍ଣ୍ଣନା କରାଯାଇଛି। ହସ୍ତପଦ ନଥାଇ ସେ ସବୁ କାମ କରିପାରନ୍ତି ଓ ସମସ୍ତ ସ୍ଥାନକୁ ଯାଇପାରନ୍ତି। ଚକ୍ଷୁ ନଥାଇ ସେ ସର୍ବଦ୍ରଷ୍ଟା। କର୍ଣ୍ଣ ନଥାଇ ସେ ସର୍ବଶ୍ରୋତା, ସର୍ବଜ୍ଞାତା। ପାଟି ନଥାଇ




ସେ ସକଳ ପ୍ରକାର ରସ ଗ୍ରହଣ କରନ୍ତି। ସେ ହିଁ ପରମାତ୍ମା - ପୁରୁଷୋତ୍ତମ। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରି ପୁରୁଷ। ସମସ୍ତ ଅବତାର ତାଙ୍କଠାରୁ ସୃଷ୍ଟି ହୋଇଥାନ୍ତି ଓ ଲୀଳା ଶେଷରେ ତାଙ୍କଠାରେ ବିଲୟ ହୋଇଯାଆନ୍ତି। ଶ୍ରୀକୃଷ୍ଣ ଜନ୍ମର ସମସ୍ତ ଘଟଣା ହେଉଛି ଅଲୌକିକ। ମଥୁରାର ବନ୍ଦୀଶାଳାରେ ଦେବକୀଙ୍କ ଗର୍ଭରୁ ଜନ୍ମ ହେଲା ମାତ୍ରେ ପିତା ବସୁଦେବ କୃଷ୍ଣ ଆଜ୍ଞାରେ ଘନ ଅନ୍ଧକାରରେ ଗୋପପୁର ନନ୍ଦରାଜାଙ୍କ ଗୃହକୁ ନେଇଥିଲେ। ଏହା ବର୍ଣ୍ଣନା କରି ଭାଗବତରେ ଲେଖିଛନ୍ତି - 'ଛିଣ୍ଡିଲା ପାଦର ଶିକୁଳି। ବାଟ କଢ଼ାଇଲା ବିଜୁଳି। ତିନ୍ତିବା ଦେଖି ଜଗନ୍ନାଥ, ଫଣାରେ ଢ଼ାଙ୍କିଲା ଅନନ୍ତ।' ପତିତରୁ ମୁକ୍ତି ପାଇ ପାବନ ହେବା ହେଉଛି ମାନବର ଲକ୍ଷ୍ୟ। ତେଣୁ ପତିତ ମାନଙ୍କୁ ପାବନ କରିବା ପାଇଁ ଶ୍ରୀଜଗନ୍ନାଥ, ବଡ଼ଭାଇ ଓ ଭଉଣୀଙ୍କ ସହିତ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡର ରଥ ଉପରକୁ ଓହ୍ଲାଇ ଆସନ୍ତି। ପତିତପାବନ ଯାତ୍ରା ବା ରଥ ଯାତ୍ରାରେ ସାନ-ବଡ଼, ଧନୀ-ଦରିଦ୍ର, ବ୍ରାହ୍ମଣ-ଚଣ୍ଡାଳ ସମସ୍ତଙ୍କ ସହ ଏକାକାର ଜଣାପଡ଼େ ଯେ, ତାଙ୍କର ଅତିପ୍ରିୟ ଏହି ନବଦିନ ଯାତ୍ରାରେ ତାଙ୍କୁ ରଥ ଉପରେ ଦର୍ଶନ କରି ନିଜର ଦୁଃଖ ଜଣାଇ କେହି କେବେହେଲେ ନିରାଶ ହୋଇନାହିଁ। ମଣିଷ କର୍ମ ଅନୁସାରେ ଫଳ ପାଏ। ତାର ଭଲମନ୍ଦ ମରଣ କାଳରେ ଜଣାପଡ଼େ। ତେଣୁ ଭାଗବତରେ ଲେଖା ଅଛି - 'କର୍ମ ଅନୁସାରେ ଫଳ ପାଇ। ପ୍ରାଣୀତା ଅବଶ୍ୟ ଭୁଞ୍ଜଇ।। ପ୍ରାଣୀର ଭଲମନ୍ଦ ବାଣୀ। ମରଣ କାଳେ ତାହା ଜାଣି।। ପରର ଉପକାର ନିମନ୍ତେ ଭାଗବତରେ ଲେଖା ଅଛି - 'ଧନ୍ୟ ଏ ଜୀବନ ଜଗତେ। ଯେ ପ୍ରାଣୀ ଧରେ ପରହିତେ। ସର୍ବେ ଚଳିବେ କାଳବଳେ। ଯଶ ରହିବ ମହୀତଳେ।।' ଅନ୍ୟକୁ କଷ୍ଟ ଦେଇ ଧନ ଉପାର୍ଜନ କରିବା କେବେହେଲେ ସୁଖଦାୟକ ନୁହେଁ। ତେଣୁ ଭାଗବତରେ ଲେଖାଅଛି - 'କଷ୍ଟେ ଅର୍ଜିତ ଯେତେ ଧନ। ସେ ନୁହେଁ ସୁଖେ ପ୍ରୟୋଜନ।' ଏ ସଂସାର ମାୟାଯୁକ୍ତ। ମାୟାରୁ ଦୂରରେ ରହିଲେ କାମ, କ୍ରୋଧ, ମୋହ, ଲୋଭ ଓ ଅହଂକାର ମନରେ ବ୍ୟାକୁଳତା ସୃଷ୍ଟି କରିପାରିବ ନାହିଁ। ତେଣୁ ଭାଗବତରେ ଲେଖାଅଛି - 'ବୃକ୍ଷର ତଳେ ଯେହ୍ନେ ଆସି। ପଥିକ ବିଶ୍ରାମନ୍ତି ବସି, ତେମନ୍ତ ମାୟା ଏ ସଂସାର, କେ ପିତା କାହା କୁମର। ନୁହଁନ୍ତି ମାୟାରେ ମୋହିତ, ସେ ପ୍ରାଣୀ ମହା ଭାଗ୍ୟବନ୍ତ।' ଭାଗବତରେ ପ୍ରଥମ ଦଶଟି ସ୍କନ୍ଧର ସାରମର୍ମ ହେଉଛି - ଏକାଦଶ ସ୍କନ୍ଧ। ଦଶଟି ସ୍କନ୍ଧ ଭଗବାନଙ୍କର ସ୍ୱରୂପ ହେଲେ, ଏକାଦଶ ସ୍କନ୍ଧଟି ଭଗବାନଙ୍କର ମୁଖ ସ୍ୱରୂପ। ଏହାକୁ ମୁକ୍ତିର ସ୍କନ୍ଧ କୁହାଯାଏ। ଭାଗବତ ସନ୍ନ୍ୟାସକୁ ଗ୍ରହଣ କରେନାହିଁ। ଗୃହସ୍ଥାଶ୍ରମରେ ରହି ଆସକ୍ତି ରହିତ ଜୀବନଯାପନ କରବା ଭାଗବତରୁ ଶିକ୍ଷା ମିଳେ। ଭାଗବତର ସମର୍ପଣ ଭାବ ଅନୁସାରେ ସବୁକିଛି ସେହି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ଜୀବନ ବିତାଇଲେ କି ଆନନ୍ଦ ମିଳେ, ତାହା କେବଳ ଅନୁଭବୀ ହିଁ ବର୍ଣ୍ଣନା କରିପାରେ। ତାଙ୍କ ଚରଣରେ ମୋର କୋଟି କୋଟି ପ୍ରଣାମ।

ପୂର୍ବତନ ଡିଏଫଓ, ପଳାଇ, ବାଳିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ସୁସ୍ଥ ଜୀବନର ଆଲୋକ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ■**

ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଢ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀକୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାଂପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସଂପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟାଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬,୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ। କିନ୍ତୁ ଏଭଳି ସ୍ଥଳେ ପ୍ରଶ୍ନଟିଏ ଉଠିଥାଏ ଯେ ଏଭଳି ସୂତ୍ରରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ ଲାଭ କରିବାର କୌଣସି ଗ୍ୟାରେଣ୍ଟି ଥାଏ କି ?

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସଂପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର। ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି, ଯେମିତି ରନି କଲମାନ ବା ଅକାଳରେ ମୃତ୍ୟୁ ଲଭିଛନ୍ତି ଯେମିତି ଡାଲାସ ମାକାର୍ଭର।

ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଣ୍ଟ୍ରିକୁଲାର ହୋଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଂଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିନ୍ତୁ ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା।

ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବାପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ ବା ପଥପ୍ରଦର୍ଶକଙ୍କ ଦିବ୍ୟ ବାଣୀ, ସତସଙ୍ଗ ଏବଂ ନିଜ ଜୀବନର ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରି ତାହା ପୂରଣ କରିବା ନିମିତ୍ତ ପ୍ରୟାସ କରିବା ଉଚିତ। ସୁସ୍ଥ ଜୀବନର ଆଲୋକ ଆମ ସମସ୍ତଙ୍କ ପାଇଁ ଆଜି ଦିନର ସ୍ୱାସ୍ଥ୍ୟ ଅନୁଚିନ୍ତନ ହେଉ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କେତେ ଭଲ ଗର୍ଭ ନିରୋଧକ ବଟିକା ?

**ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର ■**

କ୍ଲିନିକରେ ପଶିଲା ବେଳକୁ ମୋତେ ଅପେକ୍ଷା କରିଥାଏ ରାଜଶ୍ରୀ। କଲେଜ ବେଳର ସାଙ୍ଗ, ବିବାହ ପରେ ତା ସହିତ ଆଉ ସେପରି ଯୋଗାଯୋଗ ବି ନଥିଲା। ସେ ମୁମ୍ବାଇରେ ରହୁଥିବାରୁ ଯିବା ଆସିବା ସମ୍ପର୍କ ବି ସମ୍ଭବ ନୁହେଁ। ବହୁଦିନ ପରେ ଦେଖା ହେବାରୁ ଖୁସି ଲାଗିଲା ତା ପାଇଁ ଚା ମଗାଇଲି ଓ ପଚାରିଲି ଆଉ କେମିତି କୁଆଡ଼େ ମୋତେ ମନେ ପକାଇଲୁ ? କହିଲା 'ତୋ ସାଙ୍ଗରେ ଟିକିଏ କଥା ଥିଲା ତ'। ମୁଁ କହିଲି ତୋ ସାଙ୍ଗ ଜଣେ ଡାକ୍ତରାଣୀ ମୋତେ ସବୁ କଥା ଖୋଲି କରି କହ। ଚାପି ରଖିଥିବା କଥାଟିକୁ ମୋ ଆଗରେ ଖୋଲି କହିଲା 'ତୁ ତ ଜାଣୁ, ମୋର ଗୋଟିଏ ପୁଅ। ଆମେ ବି ଆଉ ପିଲା ଚାହୁଁନୁ। ତେବେ ଗର୍ଭନିରୋଧକ ବଟିକା ମୁଁ ନିୟମିତ ଖାଉଛି ଯେ ମଝିରେ ଖବର କାଗଜରେ ବାହାରିଥିଲା ଏ ବଟିକା କୁଆଡ଼େ ଭଲ ନୁହେଁ।' ମୁଁ ତାକୁ କହିଲି ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଦୂରଭାଷ : ୯୮୬୧୪୬୩୪୦୬

# ଇରାନରେ ଶିଶୁ ଦୁଷ୍କର୍ମକାରୀଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଇରାନର ନ୍ୟାୟପାଳିକା ଶିଶୁ ସୁରକ୍ଷା ଓ ଜଘନ୍ୟ ଅପରାଧ ବିରୁଦ୍ଧରେ ପୁଣି ଥରେ ଅତି କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଦେଶରେ ନାବାଳକ ଓ ଶିଶୁମାନଙ୍କୁ ନିର୍ମମ ଭାବେ ଦୁଷ୍କର୍ମ କରିଥିବା ମାମଲାରେ ସମ୍ପୃକ୍ତ ତିନି ଜଣ ଅପରାଧୀଙ୍କୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫାଶୀ ଦିଆଯାଇଛି । ଅଗଷ୍ଟ ୨୦୨୪ ଏବଂ ୨୦୨୫ ମସିହାରେ ଦାୟର ହୋଇଥିବା ଦୁଇଟି ପୃଥକ ମାମଲାର ଦୀର୍ଘ ଶୁଣାଣି ପରେ ନ୍ୟାୟପାଳିକା ପକ୍ଷରୁ ଏହି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଇରାନର ସୁପ୍ରିମକୋର୍ଟ ଏହି ଜଘନ୍ୟ ଅପରାଧ ପାଇଁ ନିମ୍ନ ଅଦାଲତ ଦ୍ୱାରା ଦିଆଯାଇଥିବା ମୃତ୍ୟୁଦଣ୍ଡକୁ ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ଦର୍ଶାଇ ଏହା ଉପରେ ଚୂଡ଼ାନ୍ତ ଅନୁମୋଦନ ଦେଇଥିଲେ । ଜଣେ ୧୪ ବର୍ଷୀୟ ଏବଂ ଜଣେ ୧୦ ବର୍ଷୀୟ ଶିଶୁଙ୍କ ଉପରେ ହୋଇଥିବା ଏହି ବର୍ବରୋଚିତ ଅତ୍ୟାଚାର ଏବଂ ଏହା ପରେ ଆସିଥିବା କଠୋର ଦଣ୍ଡବିଧାନ ସମଗ୍ର ଇରାନ ମଧ୍ୟରେ ନ୍ୟାୟ ବ୍ୟବସ୍ଥା ଓ ଶିଶୁ ସୁରକ୍ଷା ଆଇନକୁ ନେଇ ଏକ ବ୍ୟାପକ ବିତର୍କକୁ ପୁନଃଜୀବିତ କରିଛି । ପ୍ରଥମ ଘଟଣାଟି ଅଗଷ୍ଟ ୨୦୨୪ ମସିହାରେ ଇରାନର ଘୋରଭେ ସହରରେ ଘଟିଥିଲା, ଯେଉଁଠାରେ ଦୁଇଜଣ ପୁରୁଷ ମିଳିତ ଭାବେ ଜଣେ ୧୪ ବର୍ଷୀୟ ବାଳକକୁ ଦୁଷ୍କର୍ମ କରିଥିଲେ। ଇରାନର ନ୍ୟାୟପାଳିକାର ଅଧିକାରିକ ୱେବସାଇଟ୍ 'ମିଜାନ''ର ସୂଚନା ଅନୁଯାୟୀ, ଏହି ଭୟଙ୍କର ଅପରାଧର ବିଚାର କରି କୋର୍ଟ ଉଭୟଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ । ସେହିପରି ଅନ୍ୟ ଏକ ଲୋମହର୍ଷଣକାରୀ ଘଟଣା ଉତ୍ତର ଇରାନର ରାଷ୍ଟ ସହରରେ ସାମ୍ନାକୁ ଆସିଥିଲା, ଯେଉଁଠାରେ ଅଗଷ୍ଟ ୨୦୨୫ ମସିହାରେ ଜଣେ ବ୍ୟକ୍ତି ଜଣେ ୧୦ ବର୍ଷର କୋମଳମତି ବାଳକକୁ ଦୁଷ୍କର୍ମ କରିବା ପରେ ନିର୍ମମ ଭାବେ ହତ୍ୟା କରିଥିଲା । ଏହି ଜଘନ୍ୟ କାଣ୍ଡ ପାଇଁ ଅଦାଲତ ଅପରାଧୀକୁ ଦୋଷୀ ସାବ୍ୟସ୍ତ କରିବାରେ ଏବଂ ତୁରନ୍ତ ମୃତ୍ୟୁଦଣ୍ଡ ଦେବାରେ କୌଣସି ସମୟ ନଷ୍ଟ କରିନଥିଲେ, ଯାହା ଫଳରେ ଗତଦିନରେ ତାକୁ ଫାଶୀ ଖୁଣ୍ଟରେ ଝୁଲାଯାଇଛି।

# ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ଯୋଗାଣ ଓ ସେବା ଚୁକ୍ତି ପାଇଁ ସହମତ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଭାରତ ଓ ଅଷ୍ଟ୍ରେଲିଆ ଏକ ପ୍ରତିରକ୍ଷା ଯୋଗାଣ ଓ ସେବା ଚୁକ୍ତି ବିକଶିତ କରିବାକୁ ରାଜି ହୋଇଛନ୍ତି । ଏଥିସହ ସାମୁଦ୍ରିକ ନିରୀକ୍ଷଣ, ସମୁଦ୍ର ତଳ ଡୋମେନ୍ ସଚେତନତା ଓ ସାମରିକ ସହଯୋଗ ବୃଦ୍ଧି କରିଛନ୍ତି । ଦୁଇ କ୍ୱାଡ୍ ଦେଶ ଭାରତ-ପ୍ରଶାନ୍ତ ଅଞ୍ଚଳରେ ରଣନୈତିକ ସମନ୍ୱୟକୁ ଅଧିକ ମଜଭୁତ କରୁଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସ୍ ଅଷ୍ଟ୍ରେଲିଆରେ ସେମାନଙ୍କ ପ୍ରଥମ ବୈଠକର ପ୍ରାୟ ଆଠ ମାସ ପରେ ନୂଆଦିଲ୍ଲୀରେ ଦ୍ୱିତୀୟ ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ଆଲୋଚନାର ସହ-ଅଧ୍ୟକ୍ଷତା କରିଥିଲେ । ମାର୍ଲେସ୍ ଦୁଇ ଦେଶକୁ ଉଚ୍ଚସ୍ତରୀୟ ସୁରକ୍ଷା ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ତେବେ ଏମଓୟୁର ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ଉପରେ ଆଲୋଚନା ହେବାକୁ ବାକି ଅଛି ଯାହା ପ୍ରତିରକ୍ଷା-ଶିଳ୍ପ ସହଯୋଗ ପାଇଁ ଏକ ଢାଞ୍ଚା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏଥିରେ ପ୍ରତିରକ୍ଷା ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳାରେ ସହଯୋଗ ଅନ୍ତର୍ଭୁକ୍ତ ପ୍ରତିରକ୍ଷା ସାମଗ୍ରୀ ଓ ସେବା ଯୋଗାଣ ପାଇଁ ଏକ ବୁଝାମଣାପତ୍ର ଉପରେ ଆଲୋଚନା ହୋଇଥିଲା । ମନ୍ତ୍ରୀମାନେ ଅଷ୍ଟ୍ରେଲିଆର ପ୍ରଥମ ପ୍ରତିରକ୍ଷା ବାଣିଜ୍ୟ ମିସନ ଓ ଅଷ୍ଟ୍ରେଲିଆ-ଭାରତ ପ୍ରତିରକ୍ଷା ଶିଳ୍ପ ଗୋଲ ଟେବୁଲକୁ ମଧ୍ୟ ସ୍ୱାଗତ କରିଥିଲେ । ଭାରତ ଓ ଅଷ୍ଟ୍ରେଲିଆ ଚଳିତ ମାସ ଶେଷରେ ଚେନ୍ନାଇରେ ଇଣ୍ଡିଆନ ଓସେନ ରିମ୍ ଆସୋସିଏସନ୍ ଫ୍ରେମୱାର୍କ ଅଧୀନରେ ଏକ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟକ୍ରମର ମିଳିତ ଅଭ୍ୟାସ କରିବେ ।

# ଭାରତରେ ଅଛି ୩୨ ହଜାର ଟନ୍ ସୁନା

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଭାରତରେ ସୁନା ଲୋକଙ୍କ ଭାବନା ସହିତ ଗଭୀର ଭାବରେ ବନ୍ଧା ହୋଇ ରହିଛି। ବିବାହ ହେଉ କିମ୍ବା ଉତ୍ସବ, ସୁନା କିଣିବାକୁ ଶୁଭ ବୋଲି ବିବେଚନା କରାଯାଏ। କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ସୁନା କିଣିବା ପରିବର୍ତ୍ତେ ପୁରୁଣା ସୁନାକୁ ରିସାଇକେଲ କରିବାକୁ ଲୋକଙ୍କୁ ଅନୁରୋଧ କରୁଛନ୍ତ । ଦେଶର ଅର୍ଥନୀତି, ବୈଦେଶିକ ମୁଦ୍ରା ଭଣ୍ଡାର ଏବଂ ବର୍ଦ୍ଧିତ ଆମଦାନୀ ବିଲ୍ ଏହାର ମୁଖ୍ୟ କାରଣ । ପ୍ରଧାନମନ୍ତ୍ରୀ ମୋଦି ସମ୍ପ୍ରତି ଲୋକ ମାନଙ୍କୁ ନୂତନ ସୁନା କିଣିବା ପରିବର୍ତ୍ତେ ଘର ଏବଂ ମନ୍ଦିରରେ ଗଚ୍ଛିତ ସୁନାକୁ ରିସାଇକେଲ କରିବା ବିଷୟରେ ବିଚାର କରିବାକୁ ଅନୁରୋଧ କରିଛନ୍ତି । ସେ ବିଶ୍ୱାସ କରନ୍ତି ଯେ, ଯଦି ଦେଶରେ ପୂର୍ବରୁ ଥିବା ସୁନାକୁ ସଠିକ୍ ଭାବରେ ବ୍ୟବହାର କରାଯାଏ, ତେବେ ଆମଦାନୀର ଆବଶ୍ୟକତା ହ୍ରାସ ପାଇବ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତୀୟ ଘର ଏବଂ ମନ୍ଦିରରେ ପ୍ରାୟ ୩୨ ହଜାର ଟନ୍ ସୁନା ଗଚ୍ଛିତ ଅଛି । ଏହାକୁ ବିଶ୍ୱର ସବୁଠାରୁ ବଡ଼ ଘରୋଇ ସୁନା ଷ୍ଟକ୍ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ସୁନାର ଏକ ବଡ଼ ପରିମାଣ ଲକର ଏବଂ ଭଣ୍ଡାରରେ ରହିଛି, ଯାହା ଆର୍ଥିକ କାର୍ଯ୍ୟକଳାପରେ ବ୍ୟବହାର କରାଯାଇପାରିବ ନାହିଁ।

ଭାରତ ଏହାର ଅଧିକାଂଶ ସୁନା ଆବଶ୍ୟକତା ବିଦେଶରୁ ଆମଦାନି କରେ । ୨୦୨୫-୨୬ ଆର୍ଥିକ ବର୍ଷରେ, ଦେଶ ପ୍ରାୟ ୭୨.୪ ବିଲିୟନ ଡଲାର ମୂଲ୍ୟର ସୁନା ଆମଦାନି କରିଛି। ଏହା ଦେଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ମୁଦ୍ରା ବୋଝ ସୃଷ୍ଟି କରେ । ଭାରତ ପ୍ରତ୍ୟେକ ଥର ସୁନା ଆମଦାନି କରିବା ସମୟରେ ଡଲାରରେ ଦେୟ ଦେବାକୁ ପଡ଼ିଥାଏ। ଏହା ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଏ । ସରକାର ଡଲାର ସଞ୍ଚୟ କରିବାକୁ ଏବଂ ଦୃଢ଼ ଭଣ୍ଡାର ବଜାୟ ରଖିବାକୁ ଚାହାଁନ୍ତି। ଅଧିକ ଆମଦାନି ଏବଂ କମ୍ ରପ୍ତାନି ବଢୁଥିବା ଚଳନ୍ତି ଖାତା ନିଅଣ୍ଟକୁ ନେଇଥାଏ । ସୁନା ଆମଦାନି ହ୍ରାସ କରିବା ଦ୍ୱାରା ଏହି ନିଅଣ୍ଟକୁ ନିୟନ୍ତ୍ରଣ କରାଯାଇପାରିବ। ବିଶେଷଜ୍ଞ ମାନେ ଆକଳନ କରନ୍ତି ଯେ ଯଦି ପ୍ରତିବର୍ଷ ଘର ଏବଂ ମନ୍ଦିରରେ ଗଚ୍ଛିତ ମୋଟ ସୁନାର ୧% ମଧ୍ୟ ରିସାଇକେଲ କରାଯାଏ, ତେବେ ଭାରତର ସୁନା ଆମଦାନି ୨୫% ରୁ ୩୦% ହ୍ରାସ ପାଇପାରେ । ଏହା କୋଟି କୋଟି ଡଲାର ବୈଦେଶିକ ମୁଦ୍ରା ସଞ୍ଚୟ କରିପାରିବ ।

# ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଗାଇବା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଲେ ଶଶି ଥରୁର

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ସମ୍ପୂର୍ଣ୍ଣ ବନ୍ଦେ ମାତରମ୍ ଗାନ ନିଷ୍ପତ୍ତିକୁ ନେଇ ଚାଲିଥିବା ବିତର୍କ ମଧ୍ୟରେ, କଂଗ୍ରେସ ସାଂସଦ ଶଶି ଥରୁର ମଙ୍ଗଳବାର ପ୍ରଶ୍ନ କରିଛନ୍ତି ଯେ, ପ୍ରତ୍ୟେକ ସାର୍ବଜନୀନ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଜାତୀୟ ସଙ୍ଗୀତ ଗାନ କରିବା ଆବଶ୍ୟକ କି ? ଏହାକୁ ଅନାବଶ୍ୟକ ଏବଂ କଷ୍ଟକର ବୋଲି କହି ଥରୁର କହିଛନ୍ତି ଯେ, ବନ୍ଦେ ମାତରମ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ପ୍ରତ୍ୟେକ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବରେ ଗାନ ବାଧ୍ୟତାମୂଳକ କରାଯିବା ଉଚିତ୍ ନୁହେଁ । ସରକାରୀ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତର ସମ୍ପୂର୍ଣ୍ଣ ସଂସ୍କରଣ ଗାନ କରାଯିବା ଦାବିକୁ ନେଇ ବଢୁଥିବା ବିବାଦ ସମୟରେ ତାଙ୍କର ଏପରି ମନ୍ତବ୍ୟ ଆସିଛି । ସାମ୍ବାଦିକମାନଙ୍କ ସହ ଆଲୋଚନା ସମୟରେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ ସମସ୍ତେ ବନ୍ଦେ ମାତରମକୁ ସମ୍ମାନ କରନ୍ତି, କିନ୍ତୁ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏହାକୁ ସମ୍ପୂର୍ଣ୍ଣ ଭାବରେ ଗାନ କରିବା କଷ୍ଟକର । ବନ୍ଦେ ମାତରମ ଆମର ଜାତୀୟ ସଙ୍ଗୀତ, ଏବଂ ଯେତେବେଳେ ଏହା ଗାନ କରାଯାଏ, ଆମେ ସମ୍ମାନ ଜଣାଇ ଠିଆ ହୋଇଥାଉ । ପ୍ରଥମ ପଦ କିମ୍ବା ପ୍ରଥମ କିଛି ପଦକୁ ଲୋକେ ସହଜରେ ମନେ ରଖିଛନ୍ତି ବୋଲି ସେ କହିଛନ୍ତି । ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ କୌଣସି କାର୍ଯ୍ୟକ୍ରମର ଆରମ୍ଭରେ ଥରେ ବନ୍ଦେ ମାତରମ୍ ଗାଇବା ଏକ ବହୁ ପୁରୁଣା ପରମ୍ପରା । ପ୍ରାୟତଃ କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଙ୍ଗୀତ ପୃଥକ ଭାବରେ ବଜାଯାଇଥାଏ । ଏବେ ସେମାନେ ଚାହାନ୍ତି ଯେ ପ୍ରତ୍ୟେକ



କାର୍ଯ୍ୟକ୍ରମର ଆରମ୍ଭରେ ଏବଂ ଶେଷରେ ସମସ୍ତ ପାଞ୍ଚଟି ପଦ ଗାନ କରାଯାଉ । ମୁଁ ଭାବୁଛି ଏହା ଏକ ଅନାବଶ୍ୟକ ତଥା ଅଯଥା ଭାବେ ଲଦି ଦିଆଯାଉଛି । ଥରୁର କହିଛନ୍ତି ଯେ, କେରଳମ୍ ସରକାର କହୁଛନ୍ତି ଯେ ସମ୍ପୂର୍ଣ୍ଣ ଗୀତ ଗାଇବା ଇଚ୍ଛାଧୀନ, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କର ଭିନ୍ନ ମତ ଥିବା ପରି ମନେ ହେଉଛି । ଶେଷରେ, ଏହି ବିଷୟରେ ନିଷ୍ପତ୍ତି ନେବାକୁ ପଡ଼ିପାରେ, କାରଣ ସଂସଦରେ ଏପରି କୌଣସି ଆଇନ ଗୃହୀତ ହୋଇନାହିଁ ଯାହା ଏହାକୁ ବାଧ୍ୟତାମୂଳକ କରିଥାଏ । ଏହା ପ୍ରାୟତଃ ପରମ୍ପରାର ବିଷୟ ବୋଲି ସେ କହିଛନ୍ତି । ଆମେ ସମସ୍ତେ ବନ୍ଦେ ମାତରମ୍ କୁ ସମ୍ମାନ କରୁଛୁ । ମୁଁ ଖୁସିରେ ଏହା ଆପଣଙ୍କ ପାଇଁ ଗାଇପାରିବି । ଥରୁର ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଯୋଗଦାନରେ ଅନୁଷ୍ଠିତ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି । କାର୍ଯ୍ୟକ୍ରମର ଆରମ୍ଭ ଏବଂ ଶେଷରେ ସମ୍ପୂର୍ଣ୍ଣ ଗୀତଟି ବାଜିଥିଲା । ଏକ ଅଜଣା ଏବଂ ଲମ୍ବା ଗୀତ ସମୟରେ ଦର୍ଶକଙ୍କ ପାଇଁ ଦୁଇଥର ଠିଆ ହେବା ଏକ ସମସ୍ୟା ହୋଇଗଲାଣି । ସେ ଏହି ବିବାଦକୁ ଦୁର୍ଭାଗ୍ୟଜନକ କହିବା ସହିତ ଆଶା କରିଛନ୍ତି ଯେ ଏହା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ ହେବ । ସେ କହିଛନ୍ତି,ରାଷ୍ଟ୍ରପତି, ଉପରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ସହ ଜଡିତ ଆନୁଷ୍ଠାନିକ ଅବସରରେ ଏହାକୁ ଥରେ ଗାଇବା ମୁଁ ବୁଝିପାରୁଛି । କିନ୍ତୁ ଏକ ଛୋଟ ସମାରୋହରେ ସମ୍ପୂର୍ଣ୍ଣ ଗୀତକୁ ଦୁଇଥର ଗାଇବା ମୋର ବୁଝିବା ବାହାରେ । ମୁଁ ଏଥିରେ କୌଣସି ଯୁକ୍ତି ଦେଖୁନାହିଁ, କିମ୍ବା ଏହା ଏକ ଠିକ୍ ପରମ୍ପରା ମଧ୍ୟ ନୁହେଁ । ପାରସ୍ପରିକ ସହମତିରେ ଏହାର ସମାଧାନ କରାଯିବା ଜରୁରୀ ବୋଲି ସେ କହିଛନ୍ତି ।

# ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କ ବଡ଼ ଭବିଷ୍ୟବାଣୀ
# ରାହୁଲ ହାରିବେ...ଜୋରଦାର ହାରିବେ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଆସନ୍ତା ବର୍ଷ ଉତ୍ତର ପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ କରିଛନ୍ତି ଭବିଷ୍ୟବାଣୀ । ସେହି ଦାବିର ସହ କହିଛନ୍ତି , ରାହୁଲ ଗାନ୍ଧୀ ଏଥିରେ ହାରିଯିବେ । ବହୁତ କଦର୍ଯ୍ୟ ଭାବେ ହାରିବେ । ଆଉ ଏକ ପ୍ରଶ୍ନରେ ସେ କହିଛନ୍ତି, ବିରୋଧୀ ନେତା ହିଁ ଭାରତକୁ ବଦନାମ କରନ୍ତି । ସଂସଦରେ ବିରୋଧୀ ନେତା ପାଣି ପିଇ ପିଇ



ଭାରତର ବଦନାମ କରନ୍ତି । ଏହାସହ ସେ କକରୋଚ ଜନତା ପାର୍ଟି ଉପରେ ମଧ୍ୟ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି , ସବୁ ବେକାର କଥା । କିଛି ହେବ ନାହିଁ, ହାସ୍ୟାସ୍ପଦ । ଧର୍ମ ଦେଖି ୟୁପିର ଏନକାଉଣ୍ଟର କରାଯାଉଥିବା ଅଭିଯୋଗରେ ସେ କହିଛନ୍ତି – ନା, କେବେ ନୁହେଁ । ଧର୍ମ ଦେଖି କରାଯାଉ ନାହ । ଅପରାଧକୁ ଦେଖି ଏନକାଉଣ୍ଟର କରାଯାଉଛି । ବକରିଦ ସମୟରେ ଜଣେ ନିର୍ଦ୍ଦୋଷ ଯୁବକର ଗଳା କାଟି ହତ୍ୟା କରିଦେବା , ଏ କଣ ଥିଲା ? ଏହା କଣ ଧର୍ମ ଥିଲା ? ଏମିତି ନିଚ୍ଚ ଲୋକର ଏନକାଉଣ୍ଟର ହେଲା ତ କଣ ବଡ଼ କଥା ହୋଇଗଲା ।

# ଟିଏମ୍ସି ନେତାଙ୍କୁ ଆକ୍ରମଣ ନେଇ ମମତା ବାନାର୍ଜୀଙ୍କ ଧାରଣା

**କୋଲକାତା,୨।୬(ଏଜେନ୍ସି):** ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ, ଆଭ୍ୟନ୍ତରୀଣ କନ୍ଦଳ ଏବଂ ଦଳୀୟ ନେତାଙ୍କ ଉପରେ ଆକ୍ରମଣ ଯୋଗୁଁ ମମତା ବାନାର୍ଜୀଙ୍କ ଟିଏମ୍ସିରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଟିଏମସି ଭିତରେ ବିଭାଜନର ଖବର ମଧ୍ୟ ଆସିଛି, ଯାହା ମମତା ବାନାର୍ଜୀଙ୍କ ପାଇଁ ଏକ ନୂତନ ଚ୍ୟାଲେଞ୍ଜ । ଏହି ସମୟରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ କର୍ମୀ ଏବଂ ବରିଷ୍ଠ ନେତାଙ୍କ ଉପରେ ଆକ୍ରମଣର ପ୍ରତିବାଦରେ କୋଲକାତାର ରାଣୀ ରାଶମୋଣୀ ଆଭେନ୍ୟୁରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ପରେ କୋଲକାତା ପୋଲିସର ଅନୁମତି ମିଳିନଥିବାରୁ ଶେଷ ମୁହୂର୍ତ୍ତରେ ସ୍ଥାନ ପରିବର୍ତ୍ତନ କରାଯାଇଥିଲା । ପ୍ରାରମ୍ଭରେ, ମମତା ବାନାର୍ଜୀ ସମସ୍ତ ଟିଏମସି ନେତା ଧର୍ମତଲାର ଏକ ବସ୍ ଷ୍ଟପରେ ପହଞ୍ଚିଥିଲେ । ଏହି ସମୟରେ ତାଙ୍କ ସହିତ ପୁତୁରା ଅଭିଷେକ ବାନାର୍ଜୀ, ଟିଏମସିର ବଡ଼ ନେତା ମଦନ ମିତ୍ର, ସାଂସଦ କଲ୍ୟାଣ ବାନାର୍ଜୀ, ଫିରହାଦ ହକିମ, ଡରେକ୍ ଓ'ବ୍ରାୟନ୍ ଓ ଡୋଲା ସେନ୍ ବି ଥିଲେ । ତେବେ ନିକଟରେ ଟିଏମସି ଟିକେଟରେ ବିଧାନସଭା ଆସନ ଜିତିଥିବା ଅଧିକାଂଶ ବିଧାୟକ ଏହି ସମୟରେ ଅନୁପସ୍ଥିତ ଥିଲେ । ପ୍ରତିବାଦ ଆରମ୍ଭ କରିବା ପୂର୍ବରୁ, ବାନାର୍ଜୀ ରେଡ ରୋଡରେ ଥିବା ଡକ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମମତା । ଏହି ସମୟରେ ତାଙ୍କୁ ଭାରତର ସମ୍ବିଧାନ ଉପରେ ଏକ ପୁସ୍ତକ ଧରିଥିବାର ମଧ୍ୟ ଦେଖାଯାଇଥିଲା। ମମତା ଏକ ମେଗାଫୋନରେ ଲୋକଙ୍କୁ ସମ୍ବୋଧିତ କରି



କହିଥିଲେ, ଆମକୁ ମଞ୍ଚ ତିଆରି କରିବା କିମ୍ବା ମାଇକ୍ରୋଫୋନ୍ ବ୍ୟବହାର ନକରିବାକୁ ଅନୁମତି ମିଳିନଥିଲା । କିନ୍ତୁ ମୁଁ ଲଢ଼ିବି କିମ୍ବା ମରିବି । ମମତା ବିଜେପିକୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି, ଯଦି ସେମାନେ ଚାହାଁନ୍ତି ତେବେ ତାଙ୍କୁ ଗିରଫ କରିପାରନ୍ତି । ଯଦି ତାଙ୍କୁ କୋଲକାତାରେ ବିଶେଷ ଭାବରେ ଧାରଣା ଦେବାର ଅନୁମତି ଦିଆଯିବ ନାହିଁ ତେବେ ସେ ଦିଲ୍ଲୀ ଚାଲିଯିବେ ।

# ସିବ୍ବଲଙ୍କ ମନ୍ତବ୍ୟ ଉପରେ ରିଜିଜୁଙ୍କ କଡ଼ା ପ୍ରତିକ୍ରିୟା
## ଯେଉଁମାନେ ଆତଙ୍କବାଦୀ ଏବଂ ଅପରାଧୀଙ୍କୁ ସୁରକ୍ଷା ଦିଅନ୍ତି ସେମାନଙ୍କୁ ଲାଜ ଲାଗିବ କଥା

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କପିଲ ସିବଲଙ୍କ 'ଲଜ୍ଜିତ' ମନ୍ତବ୍ୟର କଡ଼ା ଜବାବ ଦେଇ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ସେ ଭାରତରେ ରହିବା ପାଇଁ ଗର୍ବିତ କିନ୍ତୁ ଯେଉଁମାନେ କେବଳ ଟଙ୍କା ପଛରେ ଦୌଡ଼ନ୍ତି ଏବଂ ଆତଙ୍କବାଦୀ, ମାଓବାଦୀ, ଭାରତ ବିରୋଧୀ ଦଳ ଏବଂ ଅପରାଧୀଙ୍କ ସୁରକ୍ଷା କରନ୍ତି ସେମାନଙ୍କ ଲଜ୍ଜା ଲାଗିବା ଆବଶ୍ୟକ । ରିଜିଜୁ ସିଧାସଳଖ କାହାର ନାମ



ନେଇ ନାହାନ୍ତି, କିନ୍ତୁ କପିଲ ସିବଲଙ୍କ ମନ୍ତବ୍ୟ ପରେ ତାଙ୍କର ମନ୍ତବ୍ୟ ଆସିଛି । ସିବଲ କହିଥିଲେ ଯେ, ସେ ଏପରି ଏକ ଦେଶରେ ରହିଥିବାରୁ ଲଜ୍ଜିତ ଯେଉଁଠାରେ କ୍ଷମତାରେ ଥିବା ଦଳ ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିବା ପାଇଁ ଯେକୌଣସି ସ୍ତରକୁ ଯାଇପାରେ । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ପ୍ରସଙ୍ଗରେ ସିବଲ ଏହି ମନ୍ତବ୍ୟ ଦେଇଥିଲେ ।ପଶ୍ଚିମବଙ୍ଗର ସୋନାରପୁରରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ପଥର ମାଡ଼ ଏବଂ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଷେକ ବାନାର୍ଜୀ ଏହାକୁ ରାଜନୈତିକ ହିଂସା ବୋଲି କହି କୋର୍ଟକୁ ଯିବା ବିଷୟରେ କହିଛନ୍ତି। ତୃଣମୂଳ କଂଗ୍ରେସ ଅଭିଯୋଗ କରିଥିଲା ଯେ ଆକ୍ରମଣ ଯୋଜନାବଦ୍ଧ ଥିଲା, ଯେତେବେଳେ ବିଜେପି ନେତାମାନେ ଏହାକୁ ଜନସାଧାରଣଙ୍କ କ୍ରୋଧର ପରିଣାମ ବୋଲି କହିଥିଲେ । କପିଲ ସିବଲଙ୍କ ମନ୍ତବ୍ୟ ଉପରେ ଅନେକ ବିଜେପି ନେତା ମଧ୍ୟ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ଦଳର ମୁଖପାତ୍ର ଶହଜାଦ ପୁନାୱାଲା କହିଛନ୍ତି ଯେ, ଦେଶର ସୁପ୍ରିମକୋର୍ଟରେ ଆଇନ ଅଭ୍ୟାସ କରି କୋଟି କୋଟି ଟଙ୍କା ରୋଜଗାର କରିଥିବା ସିବଲ ଭାରତରେ ରହିବାକୁ ଲଜ୍ଜିତ ଅନୁଭବ କରୁଛନ୍ତି ତାହା ବୁଝି ହେଉନାହିଁ। ସେ ଅଭିଯୋଗ କରିଛନ୍ତି ଯେ, ସିବଲ ୨୦୨୧ ପଶ୍ଚିମବଙ୍ଗ ନିର୍ବାଚନ ପରେ ଘଟିଥିବା ହିଂସା, ଆରଜି କର ମେଡିକାଲ କଲେଜ ମାମଲା ଏବଂ ସନ୍ଦେଶଖାଲି ବିବାଦ ଭଳି ପ୍ରସଙ୍ଗରେ କେବେ ବି ମୁହଁ ଖୋଲି ନଥିଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ।

# ଜାପାନରେ ଟାଇଫୁନ୍ 'ଜାଙ୍ଗମି'ର ତାଣ୍ଡବ

**ଟୋକିଓ,୨।୬(ଏଜେନ୍ସି):** ଭୟଙ୍କର ଟାଇଫୁନ୍ ଜାଙ୍ଗମି ପୁଣି ଥରେ ଜାପାନରେ ତାଣ୍ଡବ ରଚିଛି । ମଙ୍ଗଳବାର ଅପରାହ୍ନ ସୁଦ୍ଧା ଏହି ଭୟଙ୍କର ଝଡ଼ ଯୋଗୁଁ ନଅ ଜଣ ଗୁରୁତର ଆହତ ହୋଇଛନ୍ତି । ଓକିନାୱା ଏବଂ କାଗୋଶିମା ପ୍ରଦେଶର ୪୭,୦୦୦ ରୁ ଅଧିକ ଘରକୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି । ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଜାପାନର ଅନେକ ଅଞ୍ଚଳରେ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିଛି । ଜାପାନ ଟାଇମ୍ସ ରିପୋର୍ଟ କରିଛି ଯେ ଟାଇଫୁନ୍ ଦ୍ରୁତ ଗତିରେ କ୍ୟୁଶୁ ଅଞ୍ଚଳ ଆଡକୁ ମୁହାଁଇଛି ।



ମଙ୍ଗଳବାର ସକାଳ ସୁଦ୍ଧା, ଏହା କାଗୋସିମା ଦ୍ୱୀପର ୟାକୁସିମା ଦ୍ୱୀପରୁ ପ୍ରାୟ ୧୪୦ କିଲୋମିଟର ଦୂରରେ ଥିଲାୟ ଏହା ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଉତ୍ତର-ପୂର୍ବ ଦିଗରେ ସ୍ଥିର ଭାବରେ ଗତି କରୁଛି। କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସୁରକ୍ଷିତ ଅଞ୍ଚଳରେ ରହିବା ପାଇଁ ଏକ ଜରୁରୀ ଅପିଲ୍ ଜାରି କରିଛନ୍ତି । ପାଣିପାଗ ସଂସ୍ଥା ଅନୁଯାୟୀ, ଝଡ଼ର କେନ୍ଦ୍ରୀୟ ଚାପ ୯୭୫ ହେକ୍ଟୋପାସ୍କାଲ ରେକର୍ଡ କରାଯାଇଛି । ଝଡ଼ର କେନ୍ଦ୍ର ନିକଟରେ ପବନର ବେଗ ପ୍ରତି ସେକେଣ୍ଡରେ ୨୫ ମିଟରରେ ପହଞ୍ଚିଥିଲା । ପ୍ରବଳ ପବନ ଯୋଗୁଁ ଅନେକ ଗଛ ଉପୁଡ଼ି ପଡ଼ିଥିଲା ଏବଂ ବହୁ ଜିନିଷପତ୍ର ଉଡ଼ି ଯାଇଥିଲା । ଜାପାନର ମୁଖ୍ୟ କ୍ୟାବିନେଟ୍ ସଚିବ ମିନୋରୁ କିହାରା ଭୟଙ୍କର କ୍ଷୟକ୍ଷତିର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ, କାଗୋସିମା ଏବଂ ଓକିନାୱାରେ ଛଅଟି ଘର ଆଂଶିକ ଭାବରେ କ୍ଷତିଗ୍ରସ୍ତ ହୋଇଛି । ଏହା ବ୍ୟତୀତ, ବନ୍ୟା ରାସ୍ତା ଏବଂ ଟ୍ରାଫିକ୍ ବ୍ୟାଘାତ ଯୋଗୁଁ ସାଧାରଣ ଜନତାଙ୍କ ପାଇଁ ଅସୁବିଧା ସୃଷ୍ଟି ହୋଇଛି। ଝଡ଼ ଜାପାନରେ ଅନେକ ପରିବହନ ସେବାକୁ ଗୁରୁତର ଭାବରେ ବାଧାପ୍ରାପ୍ତ କରିଛି । ସୁରକ୍ଷା ଦୃଷ୍ଟିରୁ ୧୫ଟି ଅଂଶ ବିଶିଷ୍ଟ ଦୁଇଟି ପ୍ରମୁଖ ଏକ୍ସପ୍ରେସୱେକୁ ତୁରନ୍ତ ବନ୍ଦ କରିଦିଆଯାଇଛି । ୬୦୦ ବିମାନର ଉଡ଼ାଣ ବାତିଲ କରାଯାଇଛି । କିହାରା କହିଛନ୍ତି ଯେ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସରକାର ସମ୍ପୂର୍ଣ୍ଣ ଭାବରେ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସାମୁଦ୍ରିକ ପରିବହନ ମଧ୍ୟ ପ୍ରଭାବିତ ହୋଇଛି, ୬୪ଟି ଜାହାଜ ଚଳାଚଳ ରୁଟରେ ସେବା ବନ୍ଦ କରାଯାଇଛି । ଝଡ଼ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଉଛି ।

# ପାକିସ୍ତାନରେ ଶକ୍ତି ସଙ୍କଟ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ପାକିସ୍ତାନର ରାଜଧାନୀ ଇସଲାମାବାଦରେ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପାଇଁ ଏକ ନୂତନ ବନ୍ଦ ସମୟସାରଣୀ ଲାଗୁ କରାଯାଇଛି । ଯାହା ଅନୁଯାୟୀ ରାତି ୮ଟା ସୁଦ୍ଧା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରିବା ବାଧ୍ୟତାମୂଳକ କରାଯାଇଛି । ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଶକ୍ତି ମୂଲ୍ୟ ବୃଦ୍ଧି ପାଇଥିବାରୁ ଏହି ପଦକ୍ଷେପ ନିଆଯାଇଛି । ଡେପୁଟି କମିସନର ଇରଫାନ ମେମନଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ସୋସିଆଲ ମିଡିଆରେ ଘୋଷଣା କରିଛି ଯେ, ଏଣିକି ନୂତନ ବଜାର ବନ୍ଦ ସମୟ ଲାଗୁ ହେବ । ବଜାରଗୁଡ଼ିକ ରାତି ୮ଟା ସୁଦ୍ଧା ବନ୍ଦ ହେବା ଆବଶ୍ୟକ, ଯେତେବେଳେ ରେଷ୍ଟୁରାଣ୍ଟ ଏବଂ ଜେତରାତି ଦୋକାନଗୁଡ଼ିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିପାରିବ । ଇସଲାମାବାଦ ଜିଲ୍ଲା ପ୍ରଶାସନ ଖର୍ଚ୍ଚ ହ୍ରାସ ପଦକ୍ଷେପର ଅଂଶ ସ୍ୱରୂପ ସଂଶୋଧିତ ବ୍ୟବସାୟ ସମୟ ଲାଗୁ କରିଛି । ବଜାର, ଦୋକାନ ଏବଂ ସପିଂ ମଲ୍ ରାତି ୮ ଟାରେ ବନ୍ଦ ହୋଇଯିବ, ଯେତେବେଳେ ରେଷ୍ଟୁରାଣ୍ଟ, ତେଜରାତି ଦୋକାନ, ବେକରି ଏବଂ ଅନ୍ୟାନ୍ୟ ଖାଇବା ସ୍ଥାନ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ । ଏଥିରେ ଆହୁରି କୁହାଯାଇଛି, ବିବାହ ହଲ୍, ମାର୍କି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥାନଗୁଡ଼ିକ ମଧ୍ୟ ରାତି ୧୦ଟାରେ ବନ୍ଦ ହେବୟ ଔଷଧ ଦୋକାନ, ହସ୍ପିଟାଲ, ପେଟ୍ରୋଲ ପମ୍ପ, କ୍ଷୀର ଦୋକାନ, କ୍ରୀଡ଼ା ସୁବିଧା, କଲ୍ ସେଣ୍ଟର ଏବଂ ଆନ୍ତର୍ଜାତୀୟ ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଥିବା ଆଇଟି କମ୍ପାନିଗୁଡ଼ିକ ସମେତ ଅତ୍ୟାବଶ୍ୟକୀୟ ସେବାଗୁଡ଼ିକୁ ଏହି କଟକଣାରୁ ମୁକ୍ତ କରାଯିବ । ଏହି କଟକଣାଗୁଡ଼ିକ ବ୍ୟକ୍ତିଗତ ସ୍ଥଳରେ ଆୟୋଜିତ କାର୍ଯ୍ୟକ୍ରମ ଏବଂ ସମାବେଶ ପାଇଁ ମଧ୍ୟ ପ୍ରଯୁଜ୍ୟ । ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଇନ୍ଧନ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ପରେ ମାର୍ଚ୍ଚ ମାସରେ କାର୍ଯ୍ୟ ସମୟ ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଥିଲା । ସରକାର ବିଦ୍ୟୁତ ବ୍ୟବହାର ହ୍ରାସ କରିବା ପାଇଁ କଠୋର ପଦକ୍ଷେପ ମଧ୍ୟ ନେଇଥିଲେ, ଯେଉଁଥିରେ ଦୋକାନଗୁଡ଼ିକୁ ଶୀଘ୍ର ବନ୍ଦ କରିବାକୁ ବାଧ୍ୟ କରାଯାଇଥିଲା । ବ୍ୟବସାୟୀ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପାରମ୍ପରିକ ଭାବରେ ଏପରି ପଦକ୍ଷେପଗୁଡ଼ିକୁ ପ୍ରତିରୋଧ କରିଆସିଛନ୍ତି । କାରଣ ଅଧିକାଂଶ ବଜାର ସାଧାରଣତଃ ମଧ୍ୟାହ୍ନରେ ଖୋଲିଥାଏ ଏବଂ ରାତି ପର୍ଯ୍ୟନ୍ତ ଖୋଲା ରହିଥାଏ ।ମାତ୍ର ଏଭଳି ନିୟମ ଦ୍ୱାରା ସେମାନଙ୍କର ବିକ୍ରିବଟା କମିଥିବା କୁହାଯାଉଛି ।

# ପାକିସ୍ତାନରେ ପ୍ରତିଦିନ ୨ରୁ ଅଧିକ ସୈନିକଙ୍କୁ ହତ୍ୟା କରୁଛନ୍ତି ଆତଙ୍କବାଦୀ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଆତଙ୍କବାଦୀମାନେ ପ୍ରତିଦିନ ହାରାହାରି ଦୁଇରୁ ଅଧିକ ସୈନିକଙ୍କୁ ହତ୍ୟା କରୁଛନ୍ତି । ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଫର୍ କନଫ୍ଲିକ୍ଟ ଆଣ୍ଡ ସିକ୍ୟୁରିଟି ଷ୍ଟଡିଜ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆତଙ୍କବାଦୀମାନେ ମେ' ମାସରେ ୬୮ ଜଣ ସୈନିକଙ୍କୁ ହତ୍ୟା କରିଛନ୍ତି । ଏହା ସହିତ ୭୧ ଜଣ ସାଧାରଣ ନାଗରିକଙ୍କୁ ଜୀବନ ମଧ୍ୟ ଯାଇଛି। ମେ' ମାସରେ ଆତଙ୍କବାଦୀ ଆକ୍ରମଣରେ ୩୭ ଜଣ ସୈନିକ ଆହତ ହୋଇଛନ୍ତି। ସେନା ସମ୍ପର୍କରେ ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ନିକଟରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ଦାବି କରିଥିଲେ। ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ତୁଳନାତ୍ମକ ଭାବରେ ଶାନ୍ତ ଥିବା ଆତଙ୍କବାଦୀମାନେ ମେ' ମାସରେ ପୁଣି ଥରେ ସେମାନଙ୍କର ହିଂସା ବୃଦ୍ଧି କରିଛନ୍ତି । ସାରା ପାକିସ୍ତାନରେ ମୋଟ ୧୨୮ ଆତଙ୍କବାଦୀ ଆକ୍ରମଣ ରେକର୍ଡ କରାଯାଇଛି । ସେଥିରେ ଚାରୋଟି ଆତ୍ମଘାତୀ ଆକ୍ରମଣ ଅନ୍ତର୍ଭୁକ୍ତ



ରହିଛି। ମେ' ମାସରେ ବେଲୁଚିସ୍ତାନ ଆତଙ୍କବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ପ୍ରଦେଶ ଭାବରେ ଉଭା ହୋଇଛି । ଏପ୍ରିଲରେ ୩୪ ଆତଙ୍କବାଦୀ ଆକ୍ରମଣ ତୁଳନାରେ ପ୍ରଦେଶରେ ମେ' ମାସରେ ୭୧ ଆତଙ୍କବାଦୀ ଆକ୍ରମଣ ରେକର୍ଡ କରାଯାଇଛି । ପ୍ରତିଶତ ଦୃଷ୍ଟିରୁ ଏହା ୧୦୯ ପ୍ରତିଶତ ବୃଦ୍ଧି ପାଇଛି । ଖାଇବର ପଖତୁନଖ୍ୱା ଏବଂ ରାଜଧାନୀ ଇସଲାମାବାଦ ଆତଙ୍କବାଦୀ ଆକ୍ରମଣ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି। ଆତଙ୍କବାଦୀଙ୍କ ଦ୍ୱାରା ସର୍ବାଧିକ ଅପହରଣ ଘଟଣା ବେଲୁଚିସ୍ତାନରେ ଦେଖିବାକୁ ମିଳିଛି । ମେ' ମାସରେ, ସାରା ଦେଶରେ ମୋଟ ୫୪ଟି ଅପହରଣ ରିପୋର୍ଟ ହୋଇଛି। ସେଥି ମଧ୍ୟରୁ ୫୨ ମାମଲା ବେଲୁଚିସ୍ତାନରେ ଘଟିଛି। ପାକିସ୍ତାନୀ ସେନା ମେ' ମାସରେ ବିଦ୍ରୋହ ବିରୋଧୀ ଅଭିଯାନ ସମୟରେ ୨୭୦ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛି । ସେହିପରି ୧୫ ଜଣଙ୍କୁ ଗିରଫ କରାଯାଇଛି। କିଛି ଆତଙ୍କବାଦୀ ଆତ୍ମସମର୍ପଣ ମଧ୍ୟ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସର୍ବାଧିକ ୧୨୮ ଜଣ ଆତଙ୍କବାଦୀ ପୂର୍ବ ଫାଟା ଅଞ୍ଚଳରେ ନିହତ ହୋଇଥିଲେ। ଏହା ସହିତ, ଖାଇବର ପଖତୁନଖ୍ୱାର ଅନ୍ୟାନ୍ୟ ଅଞ୍ଚଳରେ ୬୨ ଜଣ ଏବଂ ବେଲୁଚିସ୍ତାନରେ ୭୧ ଜଣ ନିହତ ହୋଇଥିଲେ । ସୁରକ୍ଷା ବାହିନୀର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ପଞ୍ଜାବ ପ୍ରଦେଶରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।ପାକିସ୍ତାନରେ ତେହରିକ-ଏ-ତାଲିବାନ ପାକିସ୍ତାନ, ବେଲୁଚିସ୍ତାନ ଲିବରେସନ ଆର୍ମି ଏବଂ ଅଲ-କାଏଦା ଭଳି ବିପଦପୂର୍ଣ୍ଣ ଆତଙ୍କବାଦୀ ସଂଗଠନ ସକ୍ରିୟ ଅଛନ୍ତି । ନିକଟରେ ସେନା ମୁଖ୍ୟ ଅସୀମ ମୁନିର ପାକିସ୍ତାନରୁ ଏହି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମ୍ପୂର୍ଣ୍ଣ ନିପାତ କରିବାକୁ ଘୋଷଣା କରିଥିଲେ ।

# ଏନବିବିଏଲ୍ ଏକ ନିୟୁତ ଇ-ଚାଲାଣ କାରବାର ହାସଲ

**ନୂଆଦିଲ୍ଲୀ,୨।୬(ଏଜେନ୍ସି):** ନ୍ୟାସନାଲ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସହାୟକ କମ୍ପାନି ଏନପିସିଆଇ ଭାରତ ବିଲପେ ଲିମିଟେଡ୍ (ଏନବିବିଏଲ୍) ଏହାର ଭାରତ କନେକ୍ଟରେ ୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ ନିୟୁତରୁ ଅଧିକ ଇ-ଚାଲାଣ କାରବାରକୁ ସଫଳତାର ସହ ସମ୍ପନ୍ନ କରିଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ହିମାଚଳ ପ୍ରଦେଶ ଓ ଦିଲ୍ଲୀଭଳି ରାଜ୍ୟର ଇ-ଚାଲାଣ ପେମେଂଟ୍ ଭାରତ କନେକ୍ଟ ଜରିଆରେ ପ୍ରକ୍ରିୟାକରଣ ହେଉଛି।

ଭାରତ କନେକ୍ଟର ଇ-ଚାଲାଣ ବର୍ଗରେ ନାଗରିକମାନେ ସୁରକ୍ଷିତ, ଇଂରଟର ଅପରେବଲ ଓ ସହଜଲଭ୍ୟ ପ୍ଲାଟଫର୍ମ ଜରିଆରେ ଟ୍ରାଫିକ ଚାଲାଣକୁ ଦେଖିପାରୁଛନ୍ତି ଓ ପଇଠ କରିପାରୁଛନ୍ତି। ନାଗରିକ ୟୁଟିଲିଟି ସେବା ପାଇଁ ଡିଜିଟାଲ ପେମେଂଟ ସମାଧାନର ବର୍ଦ୍ଧିତ ଗ୍ରହଣୀୟତାକୁ ଏହା ଦର୍ଶାଉଛି ଯାହା ଭାରତକୁ ଏକ ପୂର୍ଣ୍ଣ ଡିଜିଟାଲ ଅର୍ଥନୀତି ଆଡ଼କୁ ନେଉଛି।

ସେବା ଉପଲବ୍ଧ କରାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଶୁଭାରମ୍ଭ ପରଠାରୁ ୭,୦୦,୦୦୦ରୁ ଅଧିକ କାରବାରର ପ୍ରକ୍ରିୟାକରଣ ସହିତ ଆନ୍ଧ୍ରପ୍ରଦେଶ ଦୃଢ଼ ଗ୍ରହଣୀୟତା ଦେଖାଇଛି । ଏହା ପଛକୁ ରହିଛନ୍ତି ତେଲେଙ୍ଗାନା ଓ ଗୁଜରାଟ। ନିକଟରେ ଦିଲ୍ଲୀ ଓ ହରିୟାଣା ଯୋଡ଼ି ହୋଇଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ରାଜ୍ୟରେ ଏଥିରେ ସାମିଲ ହେବାକୁ ଯାଉଛନ୍ତି।

ଏ ସମ୍ପର୍କରେ ଏନବିବିଏଲ୍‌ର ଏମ୍‌ଡି ଓ ସିଇଓ ଡକ୍ଟର ନୂପୁର ଚତୁର୍ବେଦୀ କହିଛନ୍ତି ଯେ, "ଭାରତ କନେକ୍ଟର ଇ-ଚାଲାଣ ବର୍ଗର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହା ଏକ ନିୟୁତ କାରବାରର ମାଇଲଖୁଂଟ ହାସଲ କରିଛି । ଏହି ସଫଳତା ଆମ ଉପରେ ଲୋକମାନେ ଯେଉଁ ଭରସା ପ୍ରକଟ କରିଛନ୍ତି ତାହାକୁ ଦର୍ଶାଉଛି ଏବଂ ଡିଜିଟାଲ ପ୍ରଥମ ସାର୍ବଜନୀନ ସେବା ଆଡ଼କୁ ଗ୍ରାହକଙ୍କ ଆଚରଣର ଏକ ସ୍ପଷ୍ଟ ପରିବର୍ତନର ପରିବର୍ତ୍ତନ ଏହା ସଙ୍କେତ ଦେଉଛି। ଆମର ଉପସ୍ଥିତିକୁ ବଢ଼ାଇବା ଏବଂ ସାରା ଦେଶର ନାଗରିକମାନଙ୍କ ପାଇଁ ନାଗରିକ ପେମେଂଟ୍‌ର ସହଜଲଭ୍ୟତାରେ ଉନ୍ନତି ଆଣିବା ପାଇଁ ଆମେ ପରିସଂସ୍ଥା ସହଯୋଗୀମାନଙ୍କ ସହ ମିଳିତଭାବେ କାର୍ଯ୍ୟ କରୁଛୁ ।'' ଡିଜିଟାଲ ଗଭର୍ଣ୍ଣାସ୍ ଓ ଭାରତର ଡିଜିଟାଲ ସାର୍ବଜନୀନ ଭିତିଭୂମି (ଡିପିଆଇ)ରେ ରାଜ୍ୟସ୍ତରୀୟ ଟ୍ରାଫିକ୍ କାର୍ଯ୍ୟାନୁଷ୍ଠାନକୁ ସାମିଲ କରିବା ଦିଗରେ ଇ-ଚାଲାଣ ବର୍ଗର ସଫଳତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ହିମାଚଳ ପ୍ରଦେଶ ଓ ଦିଲ୍ଲୀରେ ଏହାର ବଢୁଥିବା ଗ୍ରହଣୀୟତା ଏହାକୁ ଆହୁରି ବ୍ୟାପକ କରିବାର ସୁଯୋଗ ପ୍ରଦାନ କରୁଛି।

# ଟେଷ୍ଟ କ୍ରିକେଟର ନିୟମ ପରିବର୍ତ୍ତନ କଲା ଆଇସିସି

ନୂଆଦିଲ୍ଲୀ,୦୨।୦୬: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଟେଷ୍ଟ କ୍ରିକେଟର ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ପ୍ରକୃତରେ, ଟେଷ୍ଟ ମ୍ୟାଚ୍‌ରେ ଦିନ ସମୟରେ ବେଳେବେଳେ କମ୍ ଆଲୋକ ପାଇଁ ଖେଳକୁ ପ୍ରାୟତଃ ଶୀଘ୍ର ଶେଷ କରିବାକୁ ପଡ଼ିଥାଏ। ଏହାର ସମାଧାନ ସ୍ୱରୂପ, ଆଇସିସି କମ୍ ଆଲୋକ ସମୟରେ ଗୋଲାପୀ ବଲ୍ ଅର୍ଥାତ୍ ପିଙ୍କ୍ ବଲ୍ ବ୍ୟବହାରକୁ ଅନୁମୋଦନ କରିଛି। ତଥାପି, ବର୍ତ୍ତମାନ ସୁଦ୍ଧା, ଏହା କେବଳ ପରୀକ୍ଷାମୂଳକ ଭାବରେ ରହିଛି।

ଆଇପିଏଲ ୨୦୨୬ ଫାଇନାଲ ଦିନ ଅର୍ଥାତ୍ ମେ ୩୧ ତାରିଖରେ ଅହମ୍ମଦାବାଦରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ ଗୋଲାପୀ ବଲ୍ ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ହେଉଛି ଟେଷ୍ଟ ମ୍ୟାଚ୍‌ରେ ବୋଲିଂ ହୋଇଥିବା ଓଭର ସଂଖ୍ୟାକୁ ସର୍ବାଧିକ କରିବା। ସାଧାରଣତଃ, ଖରାପ ଆଲୋକ ପରିସ୍ଥିତି ଯୋଗୁଁ ଖେଳ ଶୀଘ୍ର ବନ୍ଦ କରିଦିଆଯାଏ, ଯାହା ଫଳରେ ମ୍ୟାଚ୍ ସମୟରେ ବୋଲିଂ ହୋଇଥିବା ମୋଟ ଓଭର ସଂଖ୍ୟା ହ୍ରାସ ପାଏ। ଉଲ୍ଲେଖଯୋଗ୍ୟ ଯେ, କ୍ରିକେଟ ଇତିହାସରେ ପ୍ରଥମ ଥର ୨୦୧୫ ରେ ପିଙ୍କ୍ ବଲରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ସେହି ମ୍ୟାଚ୍ ରେ ଅଷ୍ଟ୍ରେଲିଆ ନ୍ୟୁଜିଲ୍ୟାଣ୍ଡକୁ ୩ ୱିକେଟରେ ପରାସ୍ତ କରିଥିଲା। ସେବେଠାରୁ, ବିଭିନ୍ନ ଦେଶ ମଧ୍ୟରେ ସମୟ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରି ମ୍ୟାଚ୍ ଖେଳାଯାଇଆସୁଛି। ଉଭୟ ଦଳ ରାଜି ହେଲେ କେବଳ କମ୍ ଆଲୋକ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରାଯାଇପାରିବ। ଆଇସିସି ଆଉ ଏକ ବଡ଼ ପରିବର୍ତ୍ତନ ଆଣିଛି। ଏବେ, ଯେତେବେଳେ ମ୍ୟାଚ୍ ସମୟରେ ପାନୀୟ ବିରତି ହେବ, ସେତେବେଳେ କୋଚ୍ ମାନଙ୍କୁ ଖେଳାଳିଙ୍କ ସହ ଯୋଗାଯୋଗ କରିବା ପାଇଁ ଖେଳ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଅହମ୍ମଦାବାଦରେ ଅନୁଷ୍ଠିତ ଏକ ବୈଠକ ସମୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଥିଲା। ଏହା ସହିତ, ମ୍ୟାଚ୍ ଅଧିକାରୀମାନେ ଏବେ ସନ୍ଦେହଜନକ ବେଆଇନ କାର୍ଯ୍ୟ ସହିତ ବୋଲରଙ୍କୁ ଚିହ୍ନଟ କରିବା ପାଇଁ ହକ୍-ଆଇ ଡାଟା ଆକ୍ସେସ୍ କରିପାରିବେ। ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୬ ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

## ସେମିରେ ଭାରତ

ଗୋଆ,୦୨।୦୬: ସାଫ ମହିଳା ଚାମ୍ପିଅନସିପରେ ଭାରତର ପ୍ରଦର୍ଶନ ବେଶ ଉନ୍ନତ ରହିଛି । ଗ୍ରୁପ ବି'ରେ ଟପ୍ପର ହୋଇ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୩ ତାରିଖରେ ପ୍ରଥମ ସେମି ଫାଇନାଲରେ ନେପାଳ-ବାଂଲାଦେଶ ଏବଂ ଦ୍ୱିତୀୟ ସେମି ଭାରତ-ଭୁଟାନ ମଧ୍ୟରେ ଖେଳାଯିବ।

ଭାରତ ଗ୍ରୁପର ଅନ୍ତିମ ମ୍ୟାଚ୍‌ରେ ଦଳ ବାଂଲାଦେଶକୁ ଭେଟିଥିଲା । ଏଥିରେ ଭାରତ ଏକତରଫା ଭାବେ ୩-୦ ଗୋଲରେ ବିଜୟୀ ହୋଇଥିଲା । ଭାରତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା । ୩୫ ମିନିଟ ପର୍ଯ୍ୟନ୍ତ ଖେଳ ଗୋଲଶୂନ୍ୟ ରହିଥିଲା । ଓଡିଆ ଫରୱାର୍ଡ ପ୍ୟାରୀ ଖାଖା ୩୬ ମିନିଟରେ ଦଳ ଗୋଲ ଖାତା ଖୋଲିଥିଲେ । ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୨ଟି ଗୋଲ୍ ଦେଇଥିଲା । ୭୮ ମିନିଟରେ ଲିଣ୍ଡା କୋମ ଓ ୯୦+୧ ମିନିଟରେ ମାଳବିକା ପ୍ରସାଦ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ଶେଷ ପର୍ଯ୍ୟନ୍ତ ବାଂଲାଦେଶ ଗୋଲ ଖାତା ଖୋଲିପାରି ନଥିଲା ।

# ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେଲେ ବିରୁଷ୍କା

ମଥୁରା, ୨।୬: ମାଥେରେ ଚନ୍ଦନର ଟିକା, ଚେହେରାରେ ଅପୂର୍ବ ଶାନ୍ତି ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ଅନୁଭୂତି । ଚଳିତ ଆଇପିଏଲ୍ ୨୦୨୬ ମହାସମରରେ ନିଜ ଦଳ ଆରସିବିକୁ ଚାମ୍ପିଅନ୍ କରାଇବା ପରେ ଏବେ ସମ୍ପୂର୍ଣ୍ଣ ଭକ୍ତି ଭାବରେ ବୁଡ଼ି ରହିଛନ୍ତି ଭାରତୀୟ କ୍ରିକେଟର ରନ୍-ମେସିନ୍ ବିରାଟ କୋହଲି । ମଙ୍ଗଳବାର ବିରାଟ କୋହଲି ନିଜ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଛନ୍ତି । ସେଠାରେ ବ୍ରଜର ପ୍ରସିଦ୍ଧ ସନ୍ଥ ଶ୍ରୀ ପ୍ରେମାନନ୍ଦ ମହାରାଜଙ୍କୁ ସାକ୍ଷାତ କରି ଦମ୍ପତି ଆଶୀର୍ବାଦ ଭିକ୍ଷା କରିଛନ୍ତି ।



ବୃନ୍ଦାବନସ୍ଥିତ ଖ୍ୟାତନାମା 'ରାଧା କେଲି କୁଞ୍ଜ ଆଶ୍ରମ'ରେ ପହଞ୍ଚି ବିରାଟ ଓ ଅନୁଷ୍କା ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଦର୍ଶନ କରିଥିଲେ । ଦୁହେଁ ସେଠାରେ କିଛି ସମୟ ଅତିବାହିତ କରିବା ସହ ମହାରାଜଙ୍କଠାରୁ ଆଧ୍ୟାତ୍ମିକ ମାର୍ଗଦର୍ଶନ ଏବଂ ପ୍ରବଚନ ଶୁଣିଥିଲେ । ବିରାଟଙ୍କ ଭଳି ଜଣେ ବିଶ୍ୱସ୍ତରୀୟ ତାରକାଙ୍କୁ ନିଜ ଗହଣରେ ପାଇ ଆଶ୍ରମ ପରିସରରେ ଥିବା ଅନ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଏହା ପୂର୍ବରୁ ମଧ୍ୟ ଅନେକ ଖାସ୍ ଅବସରରେ ଏହି ତାରକା ଦମ୍ପତିଙ୍କୁ ବୃନ୍ଦାବନ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳୀରେ ସନ୍ଥମାନଙ୍କ ଆଶୀର୍ବାଦ ନେଉଥିବାର ଦେଖାଯାଇଛି। ବର୍ତ୍ତମାନ ସୋସିଆଲ ମିଡିଆରେ ତାଙ୍କର ଏହି ଗସ୍ତ ସମୟର ଅନେକ ଫଟୋ ଓ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାକୁ କ୍ରିକେଟ୍ ଓ ସିନେ ପ୍ରେମୀମାନେ ଖୁବ୍ ପସନ୍ଦ କରୁଛନ୍ତି ।

ବୃନ୍ଦାବନ ଗସ୍ତ ସମୟରେ ଉଭୟଙ୍କ ପୋଷାକ ଏବଂ ସାଧାରଣ ଚେହେରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଲାଇମଲାଇଟଠାରୁ ଦୂରରେ ରହି ବିରାଟ ଏକ ବ୍ରାଉନ୍ ରଙ୍ଗର ସର୍ଟ କୁର୍ତ୍ତା ଏବଂ ଅଫ୍-ହ୍ୱାଇଟ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଅନୁଷ୍କାଙ୍କ ସାଦଗୀ ସମସ୍ତଙ୍କ ମନ ଜିତିଥିଲା । ଅନୁଷ୍କା ଏକ ହାଲୁକା ଗୋଲାପୀ ରଙ୍ଗର ପାରମ୍ପରିକ କୁର୍ତ୍ତା ସହ ଗାଢ଼ ଗୋଲାପୀ ରଙ୍ଗର ଓଢ଼ଣୀ ପକାଇଥିଲେ । ଚେହେରାରେ ଧଳା ମାସ୍କ ଏବଂ କପାଳରେ ସୁନ୍ଦର ଟିକା ତାଙ୍କ ପାରମ୍ପରିକ ଭାରତୀୟ ସ୍ତ୍ରୀର ରୂପକୁ ଆହୁରି ମନୋହର କରୁଥିଲା।

ଏହି ଆଧ୍ୟାତ୍ମିକ ଗସ୍ତର ଠିକ୍ ଦୁଇ ଦିନ ପୂର୍ବରୁ ଅର୍ଥାତ୍ ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍ ମହାଫାଇନାଲରେ ବିରାଟ କୋହଲି ନିଜ ବ୍ୟାଟିଂର ଯାଦୁ ଦେଖାଇଥିଲେ । ଗୁଜରାଟ ଟାଇଟନ୍ସ ବିପକ୍ଷ ଟାଇଟଲ୍ ମୁକାବିଲାରେ ମାତ୍ର ୪୨ଟି ବଲ୍‌ରୁ ୭୫ ରନ୍‌ର ଏକ ଅପରାଜେୟ ଇନିଂସ ଖେଳି ସେ ଦଳକୁ ବିଜୟୀ କରାଇଥିଲେ । ତାଙ୍କର ଏହି ଦମଦାର ଇନିଂସରେ ୯ଟି ଚୌକା ଓ ୩ଟି ଗଗନଚୁମ୍ବୀ ଛକା ସାମିଲ ଥିଲା । ଏହି ମ୍ୟାଚରେ ସେ ମାତ୍ର ୨୫ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ତାଙ୍କର ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ।ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ସ ଆରସିବିର ଧାରୁଆ ବୋଲିଂ ଆଗରେ ଆତ୍ମସମର୍ପଣ କରିଥିଲା । ପାୱାରପ୍ଲେ ମଧ୍ୟରେ ହିଁ ଗୁଜରାଟର ଶୀର୍ଷ ବ୍ୟାଟିଂ କ୍ରମ ଭୁଶୁଡ଼ି ପଡ଼ିଥିଲା । ୱାଶିଂଟନ ସୁନ୍ଦରଙ୍କ ଅପରାଜେୟ ୫୦ ରନ୍ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୫୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆରସିବି ପକ୍ଷରୁ ଓପନିଂ କରିବାକୁ ଆସିଥିବା ବିରାଟ କୋହଲି ଏବଂ ଭେଙ୍କଟେଶ ଆୟର ପ୍ରଥମ ଉଇକେଟ ପାଇଁ ୬୨ ରନ୍ ଯୋଡ଼ି ଦଳକୁ ଏକ ଦୃଢ଼ ମୂଳଦୁଆ ଦେଇଥିଲେ । ଆୟର ୩୨ ରନ୍ କରି ଆଉଟ୍ ହୋଇଥିବା ବେଳେ କୋହଲି କିନ୍ତୁ ଶେଷ ପର୍ଯ୍ୟନ୍ତ କ୍ରିଜରେ ଦଣ୍ଡାୟମାନ ରହିଥିଲେ । ଶେଷରେ ୧୮ତମ ଓଭରରେ ଏକ ଆକର୍ଷଣୀୟ ବିଜୟୀ ଛକା ମାରି ବିରାଟ ଦଳକୁ ୧୬୧/୫ ସ୍କୋରରେ ପହଞ୍ଚାଇବା ସହ ଆରସିବିକୁ ଆଇପିଏଲ୍ ଚାମ୍ପିଅନ୍ ଆଖ୍ୟା ଦେଇଥିଲେ । ବିଜୟ ପରେ ମଇଦାନରେ ଉତ୍ସବ ମନାଇବା ପରେ ସିଧା ବୃନ୍ଦାବନ ଆସି ଭଗବାନଙ୍କ ଚରଣରେ ଶରଣ ପଶିବା ବିରାଟଙ୍କ ବ୍ୟକ୍ତିତ୍ୱର ଆଉ ଏକ ସୁନ୍ଦର ଦିଗକୁ ଦର୍ଶାଉଛି ।

## ବିଜ୍ଞାପନ ଦର ବଢ଼ାଇଲେ ବୈଭବ

ମୁମ୍ବାଇ: ଏବର୍ଷର ଆଇପିଏଲ୍‌ରେ ସର୍ବାଧିକ ରନ୍ ସଂଗ୍ରହ କରି 'ନାରଙ୍ଗୀ ଟୋପି' ହାସଲ କରିବା ସହ ଅନ୍ୟାନ୍ୟ ୬ବର୍ଗରେ ବିଭିନ୍ନ ପ୍ରକାର ପୁରସ୍କାର ଜିତିଥିବା ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବିଜ୍ଞାପନ ଓ ବ୍ରାଣ୍ଡ ପ୍ରଚାର ଦରକୁ ଦ୍ୱିଗୁଣିତ କରିଛନ୍ତି। ଆଇପିଏଲ୍ ପୂର୍ବରୁ କଂପ୍ଲାନ ଓ ରେଡ୍ ବୁଲ୍ ଭଳି ବ୍ରାଣ୍ଡର ପ୍ରଚାର ଲାଗି ଏହି ୧୫ବର୍ଷୀୟ ବାଳକ ୧ କୋଟି ଟଙ୍କା ଲେଖାଏଁ ନେଉଥିଲେ। ଏବେ କିନ୍ତୁ ବ୍ରାଣ୍ଡ ପିଛା ପାଖାପାଖି ୨କୋଟି ନେଉଥିବା ଜଣାପଡିଛି।

ବୈଭବଙ୍କ କ୍ୟାରିୟରର ଏହି ବିଭାଗକୁ ତାଙ୍କ ମାତାପିତା ପରିଚାଳନା କରୁଛନ୍ତି। ରାଜସ୍ଥାନ ରୟାଲ୍‌ସ ଅଧିକାରୀମାନେ ମଧ୍ୟ ଏହି କ୍ଷେତ୍ରରେ ତାଙ୍କୁ ସହାୟତା କରୁଛନ୍ତି। ଆଇପିଏଲ୍ ଏବେ କ୍ରିକେଟ୍ ଜଗତର ସବୁଠୁ ଅଧିକ ଚର୍ଚ୍ଚିତ ତଥା ଉଦୀୟମାନ ଖେଳାଳି ହୋଇଥିଲା ବେଳେ ଆଇପିଏଲ୍ ନିଲାମକୁ ଗଲେ ତାଙ୍କୁ ୩୦ କୋଟି ଟଙ୍କାରୁ ଅଧିକ ମିଳିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ଏଥିଲାଗି ତାଙ୍କୁ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ। କାରଣ ରାଜସ୍ଥାନ ରୟାଲ୍‌ସ ସହ ତାଙ୍କର ୨୦୨୭ ଋତୁ ପାଇଁ ମଧ୍ୟ ଚୁକ୍ତି ରହିଛି।

# ଦୋହଲୁଥିବା ମେସିଙ୍କୁ ଷ୍ଟ୍ରେଚରରେ ବୋହି ନେଲେ

କୋଲକାତା,୦୨।୦୬: ଜୁନ୍ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଫୁଟବଲ ମହାକୁମ୍ଭ 'ଫିଫା ବିଶ୍ୱକପ୍'। ଠିକ୍ ଏତିକିବେଳେ ପଶ୍ଚିମବଙ୍ଗର କୋଲକାତାରେ, କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ଲିଓନେଲ୍ ମେସିଙ୍କ ଏକ ବିଶାଳ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। କୋଲକାତାର ଲେକ୍ ଟାଉନ୍ ଅଞ୍ଚଳରେ ସ୍ଥାପିତ ଆର୍ଜେଣ୍ଟିନାର କିମ୍ବଦନ୍ତି ଫୁଟବଲ୍ ଖେଳାଳି ଲିଓନେଲ୍ ମେସିଙ୍କ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସୁରକ୍ଷା ଦୃଷ୍ଟିରୁ ସୋମବାର ହଟାଇ ଦିଆଯାଇଛି। ନିକଟରେ ହୋଇଥିବା କାଳବୈଶାଖୀରେ ପ୍ରତିମୂର୍ତ୍ତିର ।ଆଗତ ସନ୍ତୁଳନ ନଷ୍ଟ ହୋଇଯାଇଥିଲା ଅର୍ଥାତ୍ ଷ୍ଟାଚ୍ୟୁର କିଛି ସ୍ଥାନରେ ଭଙ୍ଗାରୁଜା ଦେଖିବାକୁ ମିଳିଥିଲା, ଯାହାକି ଏକ ବଡ଼ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥିଲା।



ଲୋକ ନିର୍ମାଣ ବିଭାଗ ଅର୍ଥାତ୍ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ଚଡଉ) ର ଅଧିକାରୀଙ୍କ ଅନୁଯାୟୀ, କୌଣସି କ୍ଷତି ନହୋଇ ପ୍ରତିମାଟିକୁ ଅତ୍ୟନ୍ତ ସତର୍କତାର ସହିତ ଏହା ସ୍ଥାପିତ ହୋଇଥିବା ସ୍ଥାନରୁ ହଟାଯାଇଥିଲା। ପରବର୍ତ୍ତୀ ସମୟରେ, ଏକ ହାଇଡ୍ରୋଲିକ୍ କ୍ରେନ୍ ସାହାଯ୍ୟରେ, ଏହାକୁ ସୁରକ୍ଷିତ ଭାବରେ ଏକ ଟ୍ରକରେ ଲୋଡ୍ କରାଯାଇ ସ୍ଥାନାନ୍ତର କରାଯାଇଥିଲା।

କିଛି ଦିନ ପୂର୍ବରୁ ଏହି ଭବ୍ୟ ପ୍ରତିମା ସମ୍ପର୍କରେ ଅନେକ ଅଭିଯୋଗ ଆସିଥିଲା। କିଛି ସ୍ଥାନୀୟ ବାସିନ୍ଦାମାନେ ଲେକ୍ ଟାଉନ୍ ପୋଲିସ ଷ୍ଟେସନକୁ ଜଣାଇଥିଲେ ଯେ ପ୍ରବଳ ପବନ ଏବଂ ଝଡ଼ ସମୟରେ ଏହି ବିଶାଳ ଷ୍ଟାଚ୍ୟୁଟି ଅସ୍ୱାଭାବିକ ଭାବରେ ଦୋହଲୁଛି। ଅଭିଯୋଗ ପାଇବା ପରେ, ପୋଲିସ କର୍ମଚାରୀ ଏବଂ ପିଡବ୍ଲୁଡି ଇଞ୍ଜିନିୟରମାନଙ୍କୁ ନେଇ ଗଠିତ ଏକ ଦଳ ଯାଞ୍ଚ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ପରେ, ଠିକାଦାର ସ୍ୱୀକାର କରିଥିଲେ ଯେ ଷ୍ଟାଚ୍ୟୁର ଫାଉଣ୍ଡେସନ ଅର୍ଥାତ୍ ମୂଳଦୁଆରେ କିଛି କ୍ଷତ ତଥା ତ୍ରୁଟି ଦେଖିବାକୁ ମିଳିଥିଲା। ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା ଯେ ଗଠନଟି ବର୍ତ୍ତମାନ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି ଏବଂ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିପାରେ; ଫଳସ୍ୱରୂପ, ଏହାକୁ ତୁରନ୍ତ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ବର୍ତ୍ତମାନ, ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ଚଡଉ) ର କଡ଼ା ତଦାରଖରେ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ରଖାଯାଇଛି। ଏହାକୁ କେବେ ଏବଂ କେଉଁଠାରେ ପୁନଃସ୍ଥାପିତ କରାଯିବ ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ କିମ୍ବା ଚୂଡ଼ାନ୍ତ ଘୋଷଣା କରାଯାଇ ନାହିଁ। ତଥାପି, ପ୍ରଶାସନିକ ମହଲରେ ଗୁଜବ ଏବଂ ଆଲୋଚନା ଜୋର ଧରିଛି ଯେ, ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ପରେ, ଏହାକୁ ରବିନ୍ଦ୍ର ସରୋବର କିମ୍ବା ଇକୋ ପାର୍କ ଭଳି ଏକ ସୁରକ୍ଷିତ ଏବଂ ଖୋଲା ସ୍ଥାନରେ ପୁନଃସ୍ଥାପିତ କରାଯାଇପାରେ।

ଗତ ଡିସେମ୍ବରରେ ଲିଓନେଲ ମେସିଙ୍କ କୋଲକାତା ଗସ୍ତ ସମୟରେ ଏହି ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ବଡ଼ ଧୁମଧାମରେ ଉନ୍ମୋଚନ କରାଯାଇଥିଲା। ସମଗ୍ର ପ୍ରକଳ୍ପର ନେତୃତ୍ୱ ନେଇଥିଲେ ସୁଜିତ ବୋଷ, ସେ ଜଣେ ପ୍ରମୁଖ ରାଜ୍ୟ ନେତା ଏବଂ ପୂର୍ବତନ ମନ୍ତ୍ରୀ। ସମ୍ପ୍ରତି ଯେତେବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଋଉ) ସୁଜିତ ବୋଷଙ୍କୁ ପୌର ନିଯୁକ୍ତି ଦୁର୍ନୀତିରେ ଗିରଫ କରିଥିଲା, ସେତେବେଳେ ପ୍ରତିମୂର୍ତ୍ତି ପୁଣି ଥରେ ଆଲୋଚନାର ବିଷୟ ପାଲଟିଥିଲା। ରାଜନୈତିକ ବିବାଦ ଏବଂ ବର୍ତ୍ତମାନ ସାଂରଚନିକ ତ୍ରୁଟି ଦ୍ୱାରା ଜର୍ଜରିତ ଏହି ପ୍ରତିମୂର୍ତ୍ତିଟି ଏବେ ଖବରର ହେଡଲାଇନ୍‌ରେ ରହିଛି। କହିରଖୁଛୁ ଯେ, ଲିଓନେଲ ମେସିଙ୍କ ଏହି ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଫାଇବରଗ୍ଲାସ ଏବଂ ଲୁହା ଫ୍ରେମୱାର୍କରେ ନିର୍ମିତ ଏହି ପ୍ରତିମୂର୍ତ୍ତିରେ ମେସିଙ୍କୁ ୨୦୨୨ ଫିଫା ବିଶ୍ୱକପ୍ ଟ୍ରଫି ଧରିଥିବା ଦେଖିବାକୁ ମିଳିଛି। ଡିସେମ୍ବର ୨୦୨୫ରେ ମେସିଙ୍କ ଭାରତ ଗସ୍ତ ସମୟରେ ଏହାକୁ ଭର୍ଚୁଆଲ୍ ଭାବରେ ଉଦଘାଟନ କରାଯାଇଥିଲା। ଏହି ପ୍ରତିମୂର୍ତ୍ତି 'ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ' ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଥିଲା।

## ଚେକ୍ ରିପବ୍ଲିକ୍ ଦଳରେ ସ୍ଥାନ ପାଇଲେ ୧୭ ବର୍ଷୀୟ ଖେଳାଳି

ପ୍ରେଗ୍,୧।୬: ବିଶ୍ୱକପ୍ ପାଇଁ ଚେକ୍ ରିପବ୍ଲିକ୍ ଫୁଟ୍‌ବଲ ଦଳରେ ସ୍ପାର୍ଟା ପ୍ରେଗ୍ ୧୭ ବର୍ଷୀୟ ମିଡ୍‌ଫିଲ୍ଡର ହୁଗୋ ସୋଚୁରେକ୍ ସ୍ଥାନ ପାଇଛନ୍ତି। କୋସୋଭୋ ବିପକ୍ଷ ଏକ ୱାର୍ମଅପ୍ ଗେମ୍‌ରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଜାତୀୟ ଦଳ ପାଇଁ ଖେଳିଥିଲେ। ଚେକ୍‌ରିପବ୍ଲିକ୍‌ର ରବିବାର ଖେଳାଯାଇଥିବା ମ୍ୟାଚ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ସୋଚୁରେକ୍ ଏହି ମ୍ୟାଚରେ ଜଣେ ବଦଳ ଖେଳାଳି ଭାବେ ଖେଳିଥିଲେ। ଏହି ମ୍ୟାଚ ପରେ କୋଚ୍ ମିରୋସ୍ଲାମ ଚେକ୍ ରିପବ୍ଲିକ୍‌ର ଚୂଡ଼ାନ୍ତ ୨୬ ଜଣିଆ ଦଳରେ ତାଙ୍କୁ ସାମିଲ କରିଛନ୍ତି।

## ଡେଭିଡ୍ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

ଅହମଦାବାଦ: ଆଇପିଏଲ୍ ଫାଇନାଲ୍ ବେଳେ ଅମ୍ପାୟାର ନୀତିନ ମେନନଙ୍କ ଆଡକୁ ବରଫ ବ୍ୟାଗ୍ ଫିଙ୍ଗି ଆର୍‌ସିବି ବ୍ୟାଟର୍ ଟିମ୍ ଡେଭିଡ୍ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ତାଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ ମଧ୍ୟ କଟିଛି। ସେହିଭଳି ଏହି ଅଷ୍ଟ୍ରେଲୀୟ କ୍ରିକେଟରଙ୍କୁ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ଦୁଇଟି ଡିମେରିଟ୍ ପଏଣ୍ଟ୍ ବି ମିଳିଛି। ଏହି କାରଣରୁ ସେ ମଧ୍ୟ ଆସନ୍ତାବର୍ଷ ଆର୍‌ସିବିର ପ୍ରଥମ ମ୍ୟାଚ୍ ଖେଳିପାରିବେନି। ଏହି ଦୁର୍ଭାଗ୍ୟଜନକ ଘଟଣା ଉପବିଜେତା ଗୁଜରାଟ ଟାଇଟନ୍ସ ପାଳିର ଦଶମ ଓଭରରେ ଘଟିଥିଲା।

# ଆରସିବିକୁ ୨୦ କୋଟି, ବୈଭବଙ୍କୁ ଏକାଧିକ ପୁରସ୍କାର

ନୂଆଦିଲ୍ଲୀ,୨।୬: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫାଇନାଲରେ ଗୁଜରାଟ ଟାଇଟାନ୍ସକୁ ୫ ୱିକେଟରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଥର ପାଇଁ ଓଟଖ ୨୦୨୬ ଟ୍ରଫି ଜିତିଛି। ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଜଉଇ ଗୁଜରାଟ ଟାଇଟାନ୍ସକୁ ମୋଟ ୧୫୫ ରନରେ ସୀମିତ ରଖିଥିଲା। ଟାର୍ଗେଟର ପିଛା କରୁଥିବା ସମୟରେ, ବିରାଟ କୋହଲି ୭୫ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଫାଇନାଲରେ କୋହଲିଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ପୁରସ୍କାର ଦିଆଯାଇଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କୁ 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ବିବେଚିତ କରାଯାଇଥିଲା, ସେ ଅରେଞ୍ଜ କ୍ୟାପ ସମେତ ଅନେକ ପୁରସ୍କାର ଜିତିଥିଲେ। ଚାମ୍ପିୟନ ହେବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୨୦ କୋଟି ପୁରସ୍କାର ମିଳିଥିଲା। ଦଳଟି କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଛି, ସମାନ ସ୍ଥାନରେ ଉଭୟ ଟ୍ରଫି ହାସଲ କରିଛି। ରନର୍ସଅପ ହୋଇଥିବା ଗୁଜରାଟ ଟାଇଟାନ୍ସକୁ ୧୨.୫ କୋଟି ମିଳିଥିଲା। ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ ବିଜେତା ଥିଲେ; ଏହା ସହିତ, ତାଙ୍କୁ ସିଜିନର ସବୁଠାରୁ ମୂଲ୍ୟବାନ ଖେଳାଳି, ସିଜିନର ଉଦୀୟମାନ ଖେଳାଳି, ସିଜିନର ସୁପର ଷ୍ଟ୍ରାଇକର ଏବଂ ସର୍ବାଧିକ ଛକା ମାରିବା ପାଇଁ ପୁରସ୍କାର ମିଳିଥିଲା। ମୋଟ, ସେ ୪୫ ଲକ୍ଷ ପୁରସ୍କାର ରାଶି ପାଇଥିଲେ, ଯେଉଁଥିରେ ଏକ ସିଏରା କାର ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

---

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୦ରେ...

ଶର୍ମା ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଜଳିଗଲା...

ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଗୁଜୁରାଟ ବସ୍ ନିୟନ୍ତ୍ରଣ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ଘଟିବା ସମୟରେ ମହାରାଷ୍ଟ୍ର ଡିପୋ ବସ୍ ଧୂଳିଆରୁ ନବାପୁର ଦେଇ ସୁରତ ଯାଉଥିବା ସୂଚନା ମିଳିଛି।

ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ବସ୍ ?ଟି ହଠାତ୍ ନିଆଁ ଲାଗିଯିବାରୁ ପରିସ୍ଥିତି ଆହୁରି ଭୟଙ୍କର ହୋଇଗଲା। ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା, ଯାତ୍ରୀ ମାନଙ୍କ ମଧ୍ୟରେ ଆତଙ୍କ ଏବଂ ଚିତ୍କାର ଖେଳିଗଲା। କିଛି ଯାତ୍ରୀ ଖସି ପଳାଇ ନିଜ ଜୀବନ ବଞ୍ଚାଇବାରେ ସଫଳ ହେଲେ, ଯେତେବେଳେ ଅନେକ ଲୋକ ନିଆଁରେ ଫସିଗଲେ। ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ତଥାପି, ଅନେକ ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଦୁର୍ଘଟଣାର ଖବର ପାଇବା ମାତ୍ରେ, ବାର୍ଡ ?ଲି ଅଗ୍ନିଶମ ବାହିନୀ, ପୋଲିସ ଏବଂ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ମାନେ ବହୁ ଚେଷ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ବାର୍ଡ ?ଲି ପଠାଯାଇଛି। ଆହତ ଯାତ୍ରୀ ମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବସ୍ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। 'ଏକ୍ସ' ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ପୋଷ୍ଟରେ ଲେଖାଯାଇଛି, "ଗୁଜୁରାଟର ସୁରତ ଜିଲ୍ଲାରେ ଦୁର୍ଘଟଣା ବିଷୟରେ ଜାଣିବା ପରେ ଗଭୀର ଦୁଃଖିତ। ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା। ଆହତମାନେ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ। ଉଦ୍ଧାର କାର୍ଯ୍ୟ ଚାଲିଛି, ଏବଂ ଅଧିକାରୀ ମାନେ ଦୁର୍ଘଟଣା ସ୍ଥଳରେ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଛନ୍ତି।"

### ୭୯ ବର୍ଷ...

ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି।

### ଆକର୍ଷଣୀୟ.....

ରାଜ୍ୟ ତଥା ରାଜ୍ୟ ବାହାରର ସର୍ବାଧିକ ସଂଖ୍ୟକ ପ୍ରକାଶକମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରାଯିବା ସହ ପ୍ରକାଶନ ସଂସ୍ଥାମାନଙ୍କୁ ସମ୍ମାନିତ କରାଯିବାର ବ୍ୟବସ୍ଥା ମଧ୍ୟ ରହିବ।

ପୁସ୍ତକ ମେଳା ପରିସରରେ ପ୍ରସ୍ତୁତ କରାଯାଉଥିବା ମୁଖ୍ୟ ମଂଚକୁ ସେହି ଜିଲ୍ଲାର ଜଣେ ବରପୁତ୍ର (ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, କଳାକାର, କ୍ରୀଡାବିତ କିମ୍ବା ଶିକ୍ଷାବିତ)ଙ୍କ ନାମରେ ନାମିତ କରାଯିବ ଓ ସେଠାରେ ପ୍ରତିଦିନ ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚା କରାଯିବ। ଏଥିସହ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଆମନ୍ତ୍ରଣ କରାଯାଇ ସେମାନଙ୍କ ମଧ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ଓ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଦର୍ଶକ ଓ ପାଠକମାନଙ୍କ ସୁବିଧା ପାଇଁ ପୁସ୍ତକ ମହୋତ୍ସବରେ ଆଂଚଳିକ ତଥା ପାରମ୍ପରିକ ଖାଦ୍ୟପେୟର ଷ୍ଟଲ୍ ବ୍ୟବସ୍ଥା କରାଯିବ, ମାତ୍ର ଏହି ବିକ୍ରୟ ସ୍ଥାନ ପୁସ୍ତକ ଷ୍ଟଲଠାରୁ ଯଥେଷ୍ଟ ଦୂରରେ ରହିବ। ମେଳାରେ ପିଇବା ପାଣି, ଅଗ୍ନି ନିରାପତ୍ତା, ପ୍ରାଥମିକ ଚିକିତ୍ସା ଓ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯିବ। ବିଶେଷକରି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧାସୁଯୋଗ ଯୋଗାଇ ଦେବାକୁ ଏସଓପିରେ ନିର୍ଦ୍ଦେଶ ଦିଆଯାଇଛି।

### ବଦଳିଲେ..

ଗ୍ରହଣ କରାଯାଇଛି। ଏହାବାଦ ଅନ ସ୍କ୍ରିନ ମାର୍କିଂ (ଓଏସ୍ ?ଏମ) ବ୍ୟବସ୍ଥା କେଉଁ ପରିସ୍ଥିତିରେ ଗ୍ରହଣ କରାଯାଇଥିଲା, ତା'ର ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଓଏସଏମ ତଦନ୍ତ ପାଇଁ ଜଣିକିଆ କମିଟି ଗଠନ କରାଯାଇଛି। କାପାସିଟି ବିଲ୍ଡିଂ କମିଶନ ଅଧ୍ୟକ୍ଷ ଏସ୍ ? ରାଧା ଚୌହାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ସରକାର। ଜଣିକିଆ କମିଟି ଗୋଟିଏ ମାସେ ଭିତରେ ତଦନ୍ତ ରିପୋର୍ଟ ଦେବ। କମିଟିର ରିପୋର୍ଟ ଦେବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

କମିଟିର କାର୍ଯ୍ୟ ପରିସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇ ନାହିଁ। କିନ୍ତୁ ଓଏସ୍ ?ଏମ ପାଇଁ ଚୁକ୍ତି କେମିତି ଦିଆ ଯାଇଥିଲା ? ସମସ୍ତ ନିୟମାବଳୀ ଓ ପ୍ରକ୍ରିୟା ଠିକ ଭାବେ ଅନୁପାଳନ କରାଯାଇଥିଲା କି ନାହିଁ, ତା'ର ଯାଞ୍ଚ କମିଟି କରିବ ବୋଲି ଜଣାପଡିଛି।

ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କାନ୍ କରାଯାଇଥିବା ଉତ୍ତରଖାତା ଦେଖିବାର ସୁବିଧା ଉପଲବ୍ଧ କରାଯାଇଥିଲା। କିନ୍ତୁ ଏହି ସ୍କାନ ଉତ୍ତର ଖାତା ଦେଖିବା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ କରିଥିଲେ। ଅନେକ ପରୀକ୍ଷାର୍ଥୀ କହିଥିଲେ ଯେ ସେମାନଙ୍କୁ ସ୍ପଷ୍ଟ ଦୃଶ୍ୟମାନ ହେଉ ନଥିବା ପୃଷ୍ଠା ସହ ସଂପୂର୍ଣ୍ଣ ଉତ୍ତର ଖାତା ମିଳୁନାହିଁ। ସେହିପରି ବୋର୍ଡର ଅନଲାଇନ୍ ସେବା ମଧ୍ୟ ଠିକ ଭାବେ ଉପଲବ୍ଧ ହେଉନାହିଁ।ଏହାପରେ ଓଏସଏମ୍ ପ୍ଲାଟଫର୍ମ ଓ ଡିଜିଟାଲ ମୂଲ୍ୟାଙ୍କନ ଚୁକ୍ତି ପ୍ରଦାନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି। ବିକ୍ରେତା ଚୟନ ପ୍ରକ୍ରିୟା, ସାଇବର ସୁରକ୍ଷା ସମସ୍ୟା ଓ ପୁନଃ ମୂଲ୍ୟାଙ୍କନ ସେବାରେ ବିଳମ୍ବକୁ ନେଇ ମଧ୍ୟ ବିବାଦ ଦେଖାଯାଇଛି। ସିବିଏସ୍ ?ଇର ମୂଲ୍ୟାଙ୍କନ ଓ ରେଜଲ୍ଟ ପରେ ନିଆଯାଇଥିବା ପଦକ୍ଷେପ ଉପରେ ଗୋଟିଏ ସପ୍ତାହ ଧରି ବିବାଦ ଲାଗି ରହିଥିଲା। ଏହାକୁ ନେଇ ପୂରା ଦେଶର ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହୋଇଥିଲା। ଏଥିପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି।

### ମୃତ ସୁଶାନ୍ତ...

କବିସୂର୍ଯ୍ୟନଗର ଥାନାର ୩ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। କବିସୂର୍ଯ୍ୟନଗର ଥାନା ଓ ବାଲିଚାଇ ଫାଣ୍ଡିର ସବୁ ପୁଲିସଙ୍କୁ ବଦଳି ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଚଆରପିସି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେଇଛି ପୁଲିସ ବିଭାଗ।

### ୪ରେ ଆସୁଛି..

୫୦ କିଲୋମିଟର ବେଗରେ ପବନ ବହିପାରେ, ଯାହା ବାହ୍ୟ କାର୍ଯ୍ୟକଳାପ, ଅସ୍ଥାୟୀ ସଂରଚନା, ବିଦ୍ୟୁତ୍ ଲାଇନ ଓ କୃଷି ପାଇଁ ବିପଦ ସୃଷ୍ଟି କରିପାରେ। ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ ପାଣିପାଗ ପରାମର୍ଶ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି।

ଦିଲ୍ଲୀ-ଏନସିଆର, ରାଜସ୍ଥାନ, ପଞ୍ଜାବ ଓ ହରିୟାଣା ସମେତ ଉତ୍ତର-ପଶ୍ଚିମ ଭାରତରେ ବଜ୍ରପାତ ଓ ପ୍ରବଳ ପବନ ଜାରି ରହିବାର ସମ୍ଭାବନା ରହିଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ସମେତ କେନ୍ଦ୍ରୀୟ ଭାରତରେ ସମାନ ପାଗ ଦେଖାଯିବାର ସମ୍ଭାବନା ଥିବାବେଳେ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପରି ପୂର୍ବ ରାଜ୍ୟରେ ମଧ୍ୟ ବଜ୍ରପାତ ସହ ବର୍ଷା ହୋଇପାରେ। ସମଗ୍ର ଭାରତରେ କିଛିଦିନ ଧରି ବ୍ୟାପକ ପ୍ରାକ୍-ମୌସୁମୀ ବର୍ଷା ଓ ବଜ୍ରପାତ ପରେ ଏହି ପୂର୍ବାନୁମାନ କରାଯାଇଛି, ଯାହା ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟାଇଛି।

### ବିଜେପି...

ଏକ ପ୍ରମୁଖ ଚେହେରା ରହିଆସିଛନ୍ତି। ସେ ଏବେ ଏକ ନୂତନ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଖୁବ୍ ଶୀଘ୍ର ତାଙ୍କର ନୂତନ ଦଳ ଘୋଷଣା କରିବେ ବୋଲି ଆଶା କରାଯାଉଛି। ଏହି ସମୟରେ, ବିଜେପି ତାଙ୍କୁ ମନାଇବାକୁ ଚେଷ୍ଟା କରୁଛି। ଦଳୀୟ ନେତୃତ୍ୱ ଏବେ ବି ଆଶାବାଦୀ ଯେ ସେମାନେ ଅନ୍ନାମଲାଇଙ୍କୁ ରହିବାକୁ ରାଜି କରାଇପାରିବେ, କିନ୍ତୁ ସୂତ୍ରରୁ ଜଣାପଡିଛି ଯେ, ସେ ଆଉ ବିଜେପି ଫେରିନପାରନ୍ତି।

ଆଇପିଏସ୍ ଅଧିକାରୀରୁ ରାଜନେତା ହୋଇଥିବା ଅନ୍ନାମଲାଇ ୨୦୨୦ ରେ ବିଜେପିରେ ଯୋଗ ଦେଇଥିଲେ ଏବଂ ଶୀଘ୍ର ତାମିଲନାଡୁରେ ଦଳର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ୨୦୨୧ ରୁ ୨୦୨୫ ପର୍ଯ୍ୟନ୍ତ ରାଜ୍ୟ ବିଜେପି ସଭାପତି ଭାବରେ, ସେ ଅନେକ ରାଜ୍ୟସ୍ତରୀୟ ଅଭିଯାନର ନେତୃତ୍ୱ ନେଇଥିଲେ ଏବଂ ଯୁବ ଭୋଟର ଏବଂ ସୋସିଆଲ ମିଡିଆ ଫଲୋଅର୍ସଙ୍କ ମଧ୍ୟରେ ଏକ ଦୃଢ଼ ସମର୍ଥନ ଭିତ୍ତିଭୂମି ଗଠନ କରିଥିଲେ। ତେବେ ସେ ଆଗକୁ ବିଜେପିରେ ନିଜ ପାଇଁ ଭବିଷ୍ୟତ ଦେଖି ପାରିନଥିଲେ। ବିଜେପି ତାଙ୍କୁ ରାଜ୍ୟସଭା ଆସନ ପ୍ରଦାନ କରିଥିଲା, କିନ୍ତୁ ସେ ମନା କରିଦେଇଥିଲେ। ଅନ୍ନାମଲାଇ ଚାହୁଁଥିଲେ ରାଜ୍ୟରେ ବିଜେପି ଏକାକୀ ନିର୍ବାଚନ ଲଢୁ, କାରଣ ସେ ବିଶ୍ୱାସ କରୁଥିଲେ ଯେ ଦଳ ଗତ କିଛି ବର୍ଷ ମଧ୍ୟରେ ଏକ ଦୃଢ଼ ସ୍ଥିତି ହାସଲ କରିଛି। ତଥାପି, ବିଜେପି ନେତୃତ୍ୱ ଏଆଇଏଡିଏମକେ ସହିତ ପୁଣି ଥରେ ମେଣ୍ଟ ଆରମ୍ଭ କରିଥିଲେ, ଏହି ନିଷ୍ପତ୍ତିରେ ଅନ୍ନାମଲାଇ ଅସନ୍ତୁଷ୍ଟ ଥିଲେ।

ସୂତ୍ର ଅନୁସାରେ ୪୧ ବର୍ଷୀୟ ଅନ୍ନାମଲାଇ ତାମିଲନାଡୁରେ ଏକ ଆନ୍ଦୋଳନ ଆରମ୍ଭ କରିପାରନ୍ତି। ପରେ ନୂଆ ଦଳ ଗଠନ କରିପାରନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ସମାନ ଚିନ୍ତାଧାରା ଥିବା ବ୍ୟକ୍ତିଙ୍କୁ ଏକାଠି କରିବା ଏବଂ ଏକ ଦୃଢ଼ ନେଟୱାର୍କ ନିର୍ମାଣ କରିବା। ଅନ୍ନାମଲାଇ ପୂର୍ବରୁ 'ୱି ଦି ଲିଡର୍ସ' ନାମକ ଏକ ନନପ୍ରଫିଟ୍ ସଂଗଠନ ନେତୃତ୍ୱ ପଦକ୍ଷେପ ନେଇଛନ୍ତି। ଏହା ଏକ ବୃହତ ରାଜନୈତିକ ପ୍ରକଳ୍ପର ମୂଳଦୁଆ ଭାବରେ କାର୍ଯ୍ୟ କରିପାରେ। ଏହା ବ୍ୟତୀତ, କୁହାଯାଉଛି ଯେ ତାଙ୍କ ଦଳ ତାମିଲନାଡୁରେ ଆଗାମୀ ବିଧାନସଭା ଉପନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିପାରେ। ଏହା ତାଙ୍କର ବ୍ୟକ୍ତିଗତ ଲୋକପ୍ରିୟତା ଏବଂ ପ୍ରଭାବକୁ ବୃଦ୍ଧି କରିପାରେ। ଏଭଳି କିଛି ଆଶଙ୍କା କରାଯାଉଛି। ହେଲେ ଆନ୍ନମଲ୍ଲାଇ ତାଙ୍କର ଆଗାମୀ ରଣନୀତି କ'ଣ ତାହା ସ୍ପଷ୍ଟ କରିନାହାନ୍ତି।

# ୪ ଶାବକଙ୍କୁ ଜନ୍ମ ଦେଲା 'ଜିନତ'

**ବାରିପଦା, ୨।୬ (ସ୍ୱାଧିକାର ନ୍ୟୁଜ) :** ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଆଜି ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ମହାରାଷ୍ଟ୍ରର ଟାଡୋବା-ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ସ୍ଥାନାନ୍ତରିତ ହୋଇଥିବା ବାଘୁଣୀ 'ଜିନତ' ଶିମିଳିପାଳର ଅନୁକୂଳ ପରିବେଶରେ ଚାରୋଟି ଶାବକଙ୍କୁ ଜନ୍ମ ଦେଇଛି। ଏହି ସଫଳତା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ନୁହେଁ, ବରଂ ଜୈବ ବିବିଧତାର



ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ଓ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ଆମ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ। ମା' ଓ ଶାବକମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସେମାନଙ୍କ ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି। ଆମ ବନ କର୍ମଚାରୀଙ୍କ ନିଷ୍ଠାପର ତଦାରଖ ଓ କାର୍ଯ୍ୟକ୍ଷମ ସଂରକ୍ଷଣ ନୀତି ଯୋଗୁଁ ଆଜି ଓଡ଼ିଶା ବନ୍ୟପ୍ରାଣୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି।

# ସୌମ୍ୟ ହତ୍ୟା: ଆଉ ଜଣେ ଗିରଫ

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା। ଆଉ ଜଣକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତ ବାଲିଅନ୍ତା ଥାନା ବେଣ୍ଣପୁର ଗାଁର ପ୍ରଦୀପ ମଙ୍ଗରାଜ। ଢେଙ୍କାନାଳରୁ ପ୍ରଦୀପକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସୌମ୍ୟ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି।

# ଅଜା ଦୋକାନରେ ନାତି ଜୀବନ୍ତ ଦଗ୍ଧ



**ଭଞ୍ଜନଗର, ୨।୬ (ସ୍ୱାଧିକାର ନ୍ୟୁଜ) :** ଖରା ଛୁଟି ପାଇଁ ୧୫ ଦିନ ହେଲା ଅଜା ଘରକୁ ଆସିଥିଲେ। ମଙ୍ଗଳବାର ଅଜା ତାଙ୍କୁ ନିଜ ଦୋକାନରେ ବସାଇ ଦେଇ ଘରକୁ ଯାଇଥିଲେ। ସେ ଘରୁ ଫେରିଲା ବେଳକୁ ଦୋକାନରେ ନିଆଁ ଲାଗିଥିଲା ଓ ଭିତରେ ପଡ଼ିଥିଲେ ନାତି। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାନ୍ତିଲିଙ୍ଗି ଛକରେ। ମୃତ ନାବାଳକଙ୍କ ନାଁ ବାଦଲ ମୂଳି। ତାଙ୍କୁ ୧୩ ବର୍ଷ ହୋଇଥିଲା। ଦାନ୍ତିଲିଙ୍ଗି ଛକରେ ତାଙ୍କ ଅଜା ଗଣେଶ ମୂଳି ଗୋଟିଏ ଚା ଓ ଗ୍ରୋସରୀ ଦୋକାନ କରିଛନ୍ତି। ସେ ବେଳେ ବେଳେ ଆସି ଅଜାଙ୍କ ସହିତ ଦୋକାନରେ ବସନ୍ତି। ଆଜି ମଧ୍ୟ ସେ ଦୋକାନରେ ବସିଥିଲେ। ତେବେ ତାଙ୍କ ଅଜା ବାଦଲଙ୍କୁ ଦୋକାନରେ ବସାଇ ଦେଇ କୌଣସି କାମରେ ଘରକୁ ଯାଇଥିଲେ। ସେ ଘରୁ ଫେରିଲା ବେଳକୁ ଦୋକାନ ଜଳୁଥିଲା। ଏହି ଅଗ୍ନିକାଣ୍ଡରେ ଗଣେଶଙ୍କ ଦୋକାନଟି ସଂପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ବାଦଲ। ନିଆଁ କେମିତି ଲାଗିଲା, ତାହା ସ୍ପଷ୍ଟ ହୋଇନି। ତେବେ ଗ୍ୟାସ ସିଲିଣ୍ଡର ଫାଟିବା ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ନିଲମ୍ବିତ ଆଇଆଇସିଙ୍କ ନାଁରେ ମାମଲା

**କେନ୍ଦ୍ରାପଡ଼ା, ୨।୬ (ସ୍ୱାଧିକାର ନ୍ୟୁଜ) :** ନିଲମ୍ବିତ ଆଇଆଇସି ସଂଧ୍ୟାରାଣୀ ଜେନାଙ୍କ ନାଁରେ ରୁଜୁ ହେଲା ମାମଲା। କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତାଳଚୁଆ ସାମୁଦ୍ରିକ ଥାନାରେ ମାମଲା ରୁଜୁ କରିଛି ପୁଲିସ୍। ଫଳରେ ନିଲମ୍ବିତ ଆଇଆଇସି ସଂଧ୍ୟାରାଣୀଙ୍କ ସମସ୍ୟା ବଢ଼ିଛି। ସଂଧ୍ୟାରାଣୀଙ୍କ ବିରୋଧରେ ଏକାଧିକ ସଙ୍ଗୀନ ଦଫା ଲାଗିଛି। ବିଏନ୍‌ଏସ୍ ୧୪ରେ ଯାହା ମହିଳାଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ଆକ୍ରମଣ, ବିଏନ୍‌ଏସ୍ ୧୫ ଜାଣିଶୁଣି ଆଘାତ



ଦେବା, ବିଏନ୍‌ଏସ୍ ଧାରା ୩୫୧ ଅପରାଧିକ ଧମକ, ବିଏନ୍‌ଏସ୍ ଧାରା ୩୦୮ ଯାହା ଜୋରଜବରଦସ୍ତ ଟଙ୍କା ଆଦାୟ ଏବଂ ବିଏନ୍‌ଏସ୍ ୨୯୬ ସାର୍ବଜନୀନ ସ୍ଥାନରେ ଆପତ୍ତିଜନକ କାର୍ଯ୍ୟ କରିବା ଭଳି ଦଫା ଲାଗିଛି।

# ଦିଲ୍ଲୀ ଗଲେ ନବୀନ

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ୭ଦିନିଆ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ନବୀନ ନିର୍ଦ୍ଦିଷ୍ଟ ଭାବେ କେଉଁ ଉଦ୍ଦେଶ୍ୟ ନେଇ ଦିଲ୍ଲୀ ଯାଇଛନ୍ତି ସେନେଇ ମୁହଁ ଖୋଲିନାହାନ୍ତି। ମାତ୍ର ତାଙ୍କ ଗସ୍ତ ପରେ ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି, ପ୍ରାୟ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଲାଗି ସେ ଦିଲ୍ଲୀ ଯାଇଛନ୍ତି। ଏଇଟା ଗୋଟେ ତାଙ୍କର ରୁଟିନ୍ କାର୍ଯ୍ୟକ୍ରମ। ଆଉ କ'ଣ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବ ତାହା ତାଙ୍କୁ ଜଣାନାହିଁ ବୋଲି ଦେବୀ କହିଛନ୍ତି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପିପିଲି, ୨।୬ (ସ୍ୱାଧିକାର ନ୍ୟୁଜ) :** ପିପିଲି ସାତଶଙ୍ଖ ଅର୍ଜ୍ଜୁନସିଂପୁର ଗାଁରେ ଗୋଟିଏ ଘରେ ସ୍ୱାମୀ ସ୍ତ୍ରୀଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣା ସ୍ଥଳରେ ପିପିଲି ଏସଡିପିଓ, ସାତଶଙ୍ଖ ଫାଣ୍ଡି ଅଧିକାରୀ , ୩ ଜଣିଆ ସାଇଣ୍ଟିଫିକ ଟିମ୍, ପିପିଲିର ଅତିରିକ୍ତ ତହସିଲଦାର ପ୍ରମୁଖ ପହଞ୍ଚି ମିଳିତ ତଦନ୍ତ ଆରମ୍ଭ କରିଛନ୍ତି। ବିବାହର ୭ବର୍ଷ ପରେ ଉଭୟ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଉଭୟ ସ୍ୱାମୀ ଓ ସ୍ତ୍ରୀ ନିଜ ଗାଁଠାରୁ ଅଳ୍ପ ଦୂରରେ ଭଡ଼ା ଘରେ ରହୁଥିଲେ। ମୃତ୍ୟୁର ରହସ୍ୟ ସୁଇସାଇଡ୍ ନୋଟ ଖୋଲିବ ବୋଲି କୁହାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ହିନ୍ଦୋଳ ଫରେଷ୍ଟର ନିଲମ୍ବିତ

**ଢେଙ୍କାନାଳ, ୨।୬ (ସ୍ୱାଧିକାର ନ୍ୟୁଜ) :** ହିନ୍ଦୋଳର ହାତୀ ମାରି ପୋତିଦେବା ଘଟଣାରେ ଆକ୍ସନ ମୋଡରେ ବନ ବିଭାଗ। ଘଟଣାରେ ହିନ୍ଦୋଳ ଫରେଷ୍ଟର ଦୀପ୍ତିରଞ୍ଜନ ଆଚାର୍ଯ୍ୟଙ୍କୁ ନିଲମ୍ବିତ କରିଛି ବିଭାଗ। ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଅନୁଗୁଳ ଆରସିସିଏଫ। ସେପଟେ ହିନ୍ଦୋଳ ହାତୀ ମାରି ପୋତିବା ଘଟଣାରେ ଫାର୍ମ ମାଲିକଙ୍କ ଜାମିନ ନାମଞ୍ଜୁର ହେବାପରେ ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି। ଫାର୍ମ ମାଲିକ ପ୍ରମୋଦ ରାଜ, ଜେସିବି ଚାଳକ ସୁଧୀର ଭୁତିଆ, ଫାର୍ମ ଜଗୁଆଳୀ ରାଜୀବ ଚୌଧୁରୀଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି।

# ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୧୮ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି' ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି। ଅଙ୍ଗନବାଡି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହିଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ। ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ ମେଡିଆ ଦ୍ୱାରା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି। ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ 'ସୁସ୍ଥ ମା' - ସୁସ୍ଥ ଶିଶୁ - ସୁସ୍ଥ ପରିବାର' ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ।




ସେହିପରି ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ।

ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ) ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ପ୍ପାଲ, ନିର୍ଦ୍ଦେଶିକା ମୋନିସା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ସେହିପରି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଡିସି-ପୋଷଣ ଓ ସୁପରଭାଇଜରମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ନାଳରୁ ମା' ଓ ଶିଶୁର ଗଳିତ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି, ୨।୬ (ସ୍ୱାଧିକାର ନ୍ୟୁଜ) :** ଗଜପତି ଜିଲ୍ଲାର ରାମଗିରି ଥାନା ଅନ୍ତର୍ଗତ କିନ୍ତାସାହି ନିକଟସ୍ଥ ଏକ ନାଳରୁ ମଙ୍ଗଳବାର ମା' ଓ ଶିଶୁଙ୍କର ଦୁଇଟି ଗଳିତ ମୃତଦେହ ଉଦ୍ଧାର ହୋଇଛି। ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ପ୍ରକାରେ ନାଳ ଭିତରେ ଦୁଇଟି ଗଳିତ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ରାମଗିରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ମୃତଦେହ ଦୁଇଟିକୁ ଉଦ୍ଧାର କରିଥିଲା।



ଘଟଣାସ୍ଥଳରେ ସାଇଣ୍ଟଫିକ୍ ଟିମ୍ ପହଞ୍ଚି ଘଟଣାର ଛାନବିନ୍ ପରେ ଶବଦୁଇଟିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଗିରି ଥାନା ଅଧିକାରୀ ଡି ଗଜପତି ଦୋରା ସୂଚନା ପ୍ରଦାନ କରିଥିବା ବେଳେ ମୃତକ କିନ୍ତାସାହି ଗ୍ରାମର ଅବନ୍ତି ଦଳ ବେହେରା ୩୨ ଏବଂ ତାଙ୍କ ୪ ବର୍ଷ ଶିଶୁ ପୁତ୍ର ବୋଲି ଜଣାପଡ଼ିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଶବ ୫ ଦିନରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଏହି ଘଟଣାକୁ ନେଇ ରାମଗିରି ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ୧ ଓ ୨ ରୁଜୁ ହୋଇଥିବା ବେଳେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି।

## ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ମାମଲା

# ଏଚଆରପିସି ତଦନ୍ତ ଆରମ୍ଭ

**ବାରଙ୍ଗ, ୨।୬ (ସ୍ୱାଧିକାର ନ୍ୟୁଜ) :** ଚଣ୍ଡୀପ୍ରସାଦ ଗ୍ରାମର ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣାରେ ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ଏଚଆରପିସି ତଦନ୍ତ। ମଙ୍ଗଳବାର ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ୍ ସେଲ୍‌ର ୩ ଜଣିଆ ଟିମ୍ ବାରଙ୍ଗ ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଟିମରେ ଅଛନ୍ତି ଏଚଆରପିସି ଏଏସପି ସୌଭାଗ୍ୟ ଲକ୍ଷ୍ମୀ ପଟ୍ଟନାୟକ। ଟିମ୍ ବାରଙ୍ଗ ଥାନାରେ କଟକ ଅତିରିକ୍ତ ଡିସିପି ରଞ୍ଜିତ କୁମାର ପୃଷ୍ଟି, ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ସହିତ ପ୍ରାୟ ଅଧଘଣ୍ଟା ଆଲୋଚନା କରିଥିଲେ। ଏନେଇ ଏଏସପି କହିଛନ୍ତି, ତଦନ୍ତ କ୍ରମେ ସିସିଟିଭି ଫୁଟେଜ ଓ ଡକ୍ୟୁମେଣ୍ଟ ମଗାଯିବ । ଟେକ୍ନିକାଲ ଟିମ ଫୁଟେଜ ନେବେ। ଏହା ପୂର୍ବରୁ ସକାଳୁ ଏଚଆରପିସି ଟିମ୍ କଟକ ମେଡିକାଲ ଯାଇ ରାକେଶଙ୍କୁ ଭେଟିଥିଲେ। ତାଙ୍କ ଦେହ ସୁସ୍ଥ ଥିବା ଡାକ୍ତର କହିଥିବା ସେ କହିଥିଲେ। ମେଡିକାଲରେ ପରିବାର ଲୋକଙ୍କ ସହିତ ଭେଟ ହୋଇନଥିଲା। ପରେ କଟକ ସଦର ଥାନା ଯାଇଥିଲେ। ସେଠାରେ ରାକେଶଙ୍କ ଏଫଆଇଆର ଥିବାରୁ କାଗଜ ପତ୍ର ଦେଖି ଫେରିଥିଲେ। ସେପଟେ ମଙ୍ଗଳବାର ପୀଡ଼ିତ ରାକେଶ ବେହେରାଙ୍କୁ ଏସସିବି ମେଡିକାଲରେ ଭେଟିଛନ୍ତି ସଭାପତି ଭକ୍ତ ଦାସ। ସେ କହିଛନ୍ତି "ବାରଙ୍ଗ ଥାନା ଥାର୍ଡ ଡିଗ୍ରୀ ଅଭିଯୋଗ ମାମଲା ପ୍ରମାଣିତ କରୁଛିକି, ରାଜ୍ୟରେ ଆଇନର ଶାସନ ଚାଲିନାହିଁ। ଥାନା ଭିତରେ ଥାର୍ଡ଼ ଡିଗ୍ରୀ ହୋଇଥିବା ସ୍ପଷ୍ଟ। କିନ୍ତୁ ଏହାକୁ ଏକ ଦୁର୍ଘଟଣାର ରୂପ ଦେବାଲାଗି ପୋଲିସ ଅପଚେଷ୍ଟା କରିଛି। ରାକେଶ ଏବେ ଏସସିବି କାର୍ଡିଓଲୋଜି ବିଭାଗରେ ଚିକିତ୍ସିତ ହେଉଛନ୍ତି। ରାକେଶ ବେହେରା ନିଶ୍ଚିତ ମୃତ୍ୟୁରୁ ବର୍ତ୍ତିଗଲେ କିନ୍ତୁ ପ୍ରକୃତ ଦୋଷୀ ଏଯାଏଁ ଧରା ପଡ଼ିନାହାଁନ୍ତି।" ଦୋଷୀ ପୋଲିସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ପୋଲିସ ଭଦ୍ର ହେଉ ଏବଂ ସମ୍ବେଦନଶୀଳ ହେବାଲାଗି କହିଛନ୍ତି ଭକ୍ତ ଦାସ।

# ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ବୃତ୍ତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ



ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶ୍ରୀ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ସହରୀ ଭବିଷ୍ୟତ ପାଇଁ ନିଜର ଦୂରଦୃଷ୍ଟି ଉପସ୍ଥାପନ କରି ଆଇ.ଟି.ପି.ଆଇ. ଦର୍ଶାଇଛି ଯେ, ରାଜ୍ୟରେ ସହରୀକରଣ ହାର ନାଟକୀୟ ଭାବେ ବୃଦ୍ଧି ପାଇବାକୁ ଯାଉଛି। ୨୦୨୫ ମସିହାରେ ସହରୀ ଜନସଂଖ୍ୟା ପ୍ରାୟ ୧୭ ପ୍ରତିଶତ ଥିବାବେଳେ ୨୦୪୭ ସୁଦ୍ଧା ଏହା ପ୍ରାୟ ୬୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଓଡ଼ିଶା ନିଜର ସହରଗୁଡ଼ିକୁ ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି, ଯାହା ରାଜ୍ୟର ସମୁଦାୟ ଘରୋଇ ଉତ୍ପାଦରେ ୬୦ ପ୍ରତିଶତରୁ ଅଧିକ ଯୋଗଦାନ କରିବ। ଏଭଳି ସ୍ଥିତିରେ ବୈଜ୍ଞାନିକ, ବୃତ୍ତିଗତ ଏବଂ ଭବିଷ୍ୟତମୁଖୀ ସହରୀ ଯୋଜନାକୁ ବିକାଶର ମୁଖ୍ୟ ସ୍ତମ୍ଭ କରାଯିବା ଉଚିତ ବୋଲି ସଂସ୍ଥା ଗୁରୁତ୍ୱ ଆରୋପ କରିଛି। ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି। ଅନେକ ବିକାଶ ମଧ୍ୟ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି, ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସହରୀ ଯୋଜନା ଏକ ଉଚ୍ଚ ବିଶେଷଜ୍ଞତା ସମ୍ପନ୍ନ ଓ ବହୁମୁଖୀ ବୃତ୍ତି, ଯେଉଁଥିରେ ଜମି ବ୍ୟବହାର ଯୋଜନା, ଭିତ୍ତିଭୂମି ବିକାଶ, ଗୃହ ନିର୍ମାଣ, ପରିବହନ, ପରିବେଶ ପରିଚାଳନା, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଅନ୍ତର୍ଭୁକ୍ତ। ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ ନବୀକରଣ, ଜମି ପୁଲିଂ ମାଧ୍ୟମରେ ନଗର ଯୋଜନା ସ୍କିମ୍ କାର୍ଯ୍ୟକାରୀ କରିବା, ଶସ୍ତା ଗୃହ ନିର୍ମାଣକୁ ସହଜ କରିବା, ପୁନଃବିକାଶ ଯୋଜନା ମାଧ୍ୟମରେ ପୁରୁଣା ସହରୀ ଅଞ୍ଚଳର କାୟାକଳ୍ପ କରିବା ଏବଂ ବ୍ୟବସାୟିକ ସହଜତା ବୃଦ୍ଧି ପାଇଁ ବିଲ୍ଡିଂ ଅନୁମୋଦନ ବ୍ୟବସ୍ଥାରେ ସୁଧାର ଆଣିବାରେ ବୃତ୍ତିଗତ ପ୍ଲାନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।

## ଚତୁର୍ଥ ଦିନରେ ଏସଆଇଆର ଅଭିଯାନ

# ୪୧ ଲକ୍ଷ ଭୋଟରଙ୍କୁ ଫର୍ମ ବଣ୍ଟନ

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଆରମ୍ଭ ହୋଇଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ଚତୁର୍ଥ ଦିନରେ ପହଁଚିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସୁଦ୍ଧା ରାଜ୍ୟରେ ୪୧ଲକ୍ଷ ୬୦ହଜାର ଭୋଟରଙ୍କୁ ଫର୍ମ ବଂଟନ କରାଯାଇ ସାରିଛି। ଚତୁର୍ଥ ଦିନରେ ମଧ୍ୟ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନେ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ସମସ୍ତ ଦୁର୍ଗମ ଅଂଚଳରେ ଘରକୁ ଘର ବୁଲି ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି। ଘରକୁ ଘର ବୁଲି ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସାରା ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ନିୟୋଜିତ ହୋଇଛନ୍ତି। ବିଏଲ୍‌ଓମାନେ ପ୍ରତି ଅଂଚଳରେ ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ଫର୍ମ ବଂଟନ କରୁଛନ୍ତି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି। ଚତୁର୍ଥ ଦିନରେ ୪୧ଲକ୍ଷ ୬୦ହଜାର ଭୋଟର ଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପରିଗଣନା ପୂରଣ ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି।



ଲୋକସେବା ଭବନରେ ପ୍ରତିଷ୍ଠିତ ଭାଷାବିତ୍, ଲୋକସାହିତ୍ୟ ଗବେଷକ ପଦ୍ମଶ୍ରୀ ଡଃ ମହେନ୍ଦ୍ର କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି

# ନିଶା ନିବାରଣ କେନ୍ଦ୍ରରୁ ୩୪ ଅନ୍ତେବାସୀ ଫେରାର

**ଜଗତସିଂହପୁର, ୨।୬ (ସ୍ୱାଧିକାର ନ୍ୟୁଜ):** ଜଗତସିଂହପୁର ସହର ଖେରସଠାରେ ଥିବା 'ସୁଧାର' ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଇଞ୍ଜେକସନ ଦେଇ ହତ୍ୟା ଘଟଣାକୁ କେଇଦିନ ନ ପୂରୁଣୁ ପୁଣି ଏକ ଅଘଟଣ ଘଟିଛି। ସେଠାରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ ୩୪ ଜଣ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରି ଫେରାର ହୋଇଯାଇଛନ୍ତି। କିନ୍ତୁ ଏଯାଏଁ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ଜଣାପଡ଼ିଛି। ଜଗତସିଂହପୁର ପୌରାଞ୍ଚଳର ଜଳସେଚନ ଅଫିସ ପଛପାଖ କେନାଲ ବନ୍ଧ-ଖେରସ ରାସ୍ତାରେ ଥିବା ସୁଧାର ନିଶା ନିବାରଣ କେନ୍ଦ୍ରରେ ତିର୍ତ୍ତୋଲ ନାଗପୁର ଅଞ୍ଚଳର ଅନିରୁଦ୍ଧ ଲେଙ୍କାଙ୍କୁ ୨୩ ତାରିଖରେ ସେଠାରେ ମାଡ଼ ମରାଯିବା ସହ ଇଞ୍ଜେକସନ୍ ଦେଇ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ପରେ ସେଠାରେ ପରିଚାଳନାରେ ଅବ୍ୟବସ୍ଥା ଦେଖା ଦେଇଥିଲା। ହତ୍ୟାକାଣ୍ଡ ପରେ ସେଠାରେ ୪୨ ଜଣ ଅନ୍ତେବାସୀ ରହୁଥିଲେ। ସେମାନେ ଖାଦ୍ୟପେୟ ଓ ପରିଚାଳନା ବ୍ୟବସ୍ଥାକୁ ବିରୋଧ କରି ଆସୁଥିଲେ। ଆଜି ସୁରକ୍ଷାକର୍ମୀଙ୍କୁ ମାଡ ମାରି ୩୪ଜଣ ଅନ୍ତେବାସୀ ଫେରାର ହୋଇଯାଇଛନ୍ତି।

# ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ଏହାର ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମନ୍ୱିତ ନିରୀକ୍ଷଣ ଏବଂ ମନିଟରିଂ ମାଧ୍ୟମରେ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବିଶଦ ଆଲୋଚନା କରି ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ



ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ହିଁ ଦୁର୍ନୀତି ହେବାର ସମ୍ଭାବନା ଥାଏ। ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ୍ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ଏଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ। ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବା ସହ ଏଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ ମଧ୍ଯ କରାଯିବ। ଜମି କିଣାବିକା ଏବଂ ପଞ୍ଜୀକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଏବଂ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ। ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କ ଠାରୁ ମୁକ୍ତ କରାଯିବ। ସେହିପରି ଆଗକୁ ମଧ୍ଯ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ଯ ସ୍ମାର୍ଟ ସର୍ଭଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ୍ଯ କରାଯିବ। ରାଜ୍ୟ ମୁଖ୍ୟାଳୟରେ ମଧ୍ଯ ମାନ୍ୟବର ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କସ୍ତରରେ ସମୟାନୁକ୍ରମେ ଏହାର ନିରୀକ୍ଷଣ କରାଯିବ। ଅଧିକାରୀମାନଙ୍କ ଉପସ୍ଥିତି-ଅନୁପସ୍ଥିତି ଉପରେ ଏହି ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍ ଦ୍ୱାରା ତୀକ୍ଷ୍ଣ ନଜର ରଖାଯିବ। ଅଗ୍ନି-ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସତର୍କ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ।

# ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍

**ଭୁବନେଶ୍ୱର, ୨।୬ (ସ୍ୱାଧିକାର ନ୍ୟୁଜ) :** ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ମନ୍ଥ ଅଫ୍ ସୋଲାର ' ଅଭିଯାନରେ ଓଡ଼ିଶାକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି।

ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍' ପାଇଁ ଚୟନ କରାଯାଇଛି, ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଂଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ଏତଦ୍‌ବ୍ୟତୀତ, 'ମାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନସ୍ ' ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବା ସହ ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

Printed, Published & Owned by Sandhyarani Pati, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin : 751001, Published at : Ekanakhandi, Kendrapara, Dist- Kendrapara, Odisha, Pin : 754211, Ph. No : 09937054455, Corporate Office : VA-23/1, Unit-2, Bhubaneswar - 751009, Dist - Khordha (Odisha) Ph. No.: (0674) 2533445, Fax - 2533446
Editor : Akshaya Kumar Pati
ସଂପାଦକ : ଅକ୍ଷୟ କୁମାର ପତି